# ରାଣୀ ମା'ଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

**ଖଲ୍ଲିକୋଟ,୨୦।୨(ସମିସ)**

ଖଲ୍ଲିକୋଟ ରାଣୀ ମାଆ ତଥା ୧୦ଥରର ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ଦ୍ୱାଦଶାହ ପାଳିତ ହୋଇଯାଇଛି। ଏ ଅବସରରେ ସ୍ଥାନୀୟ ଆରସିଏମ କଲେଜ ଖେଳ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ନେତା, ମନ୍ତ୍ରୀ, ବିଧାୟକ, ବିଧାୟିକା, ଲୋକ ପ୍ରତିନିଧି ଓ ସାଧାରଣ ଜନତା ଯୋଗଦେଇ ପ୍ରିୟ ରାଣୀ ମାଆଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ "୫-ଟି' ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି. କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ଖଲ୍ଲିକୋଟ ରାଣୀ ସାହେବା ତଥା ବରିଷ୍ଠ ରାଜନେତ୍ରୀ ଭି. ସୁଜ୍ଞାନ କୁମାରୀ ଦେଓଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅପରାହ୍ନ ୩ଟା ସମୟରେ ହେଲିକପ୍ଟର ଯୋଗେ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିବା ହେଲିପ୍ୟାଡରେ ଅବତରଣ କରିଥିଲେ ଶ୍ରୀ ପାଣ୍ଡିଆନ। ଏହା ପରେ ସେ ଆରସିଏମ କଲେଜ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ରାଣୀ ମା'ଙ୍କ ଫୋଟଚିତ୍ରରେ ପୁଷ୍ପାଞ୍ଜଳି ଦେବା ସହ ଶୋକ ପୁସ୍ତିକାରେ ନିଜର ଶୋକବାର୍ତ୍ତା ଲେଖି ବରିଷ୍ଠ ରାଜନେତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ସଂଗଠନ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ପଞ୍ଚାୟତିରାଜ ଓ ଜଙ୍ଗଲ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ, ଆସିକା ସାଂସଦ ପ୍ରମିଳା ବିଷୋୟୀ, ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା



ପ୍ରଧାନ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ, ଖଲ୍ଲିକୋଟର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଆରତୀ ଦେବୀ, ଆଇନଜୀବୀ ମାଗୁଣି ପଲେଇ, କୋଦଳାର ପୂର୍ବତନ ନଗରପାଳ ହରପ୍ରସାଦ ସାହୁ, ଯୁବ ବିଜେଡି ନେତା ସୀତାରାମ ପାଣିଗ୍ରାହୀ, ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା, ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ରାଣୀ ମା'ଙ୍କ ପରିବାର ବର୍ଗଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ, ନେତା, ଲୋକ ପ୍ରତିନିଧି, ସାଧାରଣ ଜନତା ଉପସ୍ଥିତ ରହି ନିଜର ପ୍ରିୟ ରାଣୀମାଆଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅବିଭକ୍ତ ଗଞ୍ଜାମ ଜିଲ୍ଲା ତଥା ଓଡ଼ିଶା ପାଇଁ ରାଣୀ ମାଆଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ରାଜପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଅସାଧାରଣ କାର୍ଯ୍ୟ କରୁଥିଲେ ବୋଲି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି। ଏ ଅବସରରେ ତାଙ୍କର ସ୍ମୃତି ପାଇଁ ଭାରତ ସରକାରଙ୍କ ପକ୍ଷରୁ ରାଣୀ ମା'ଙ୍କ ଫୋଟ ଚିତ୍ର ଥାଇ ଡାକ ଟିକଟ ଓ ଲଫାପାକୁ ମନ୍ତ୍ରୀ ବିକ୍ରମ ଆରୁଖ ଉନ୍ମୋଚନ କରିଥିଲେ। ବ୍ରହ୍ମପୁରର ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଦ୍ୱାଦସାହ ଅବସରରେ କଲେଜ ପଡ଼ିଆରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫ହଜାର ଲୋକଙ୍କ ସମାଗମ ହୋଇଥିଲା। ରାଣୀ ମା'ଙ୍କ ଦ୍ୱାରା ହୋଇଥିବା ବିକାଶର ଗାଥା ସବୁ ଚର୍ଚ୍ଚା ହୋଇଥିଲା।







## ୨୨ରେ '୫-ଟି' ଅଧ୍ୟକ୍ଷଙ୍କ ଗଞ୍ଜାମ ଗସ୍ତ



### ସ୍ଥିତି ସମୀକ୍ଷା କଲେ ସାଂସଦ

**ସୋରଡା, ୨୦।୨(ସମିସ):** ସୋରଡା ବିଧାନସଭା ନିର୍ବାଚନମଣ୍ଡଳୀକୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ୨୨ ତାରିଖରେ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହାର ସ୍ଥିତି ସମୀକ୍ଷା କରିଛନ୍ତି ଗଞ୍ଜାମ ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ସାଂସଦ ମାନସ ମଙ୍ଗରାଜ ଓ ରାଜ୍ୟ ଡିଜିଟାଲ ସଂଯୋଜକ ଅମିତ କୁମାର ମଲ୍ଲିକ। ସୋରଡା ବିଜୁ ଜନତା ଦଳ ତରଫରୁ ଦଳୀୟ ନେତୃବୃନ୍ଦଙ୍କ ସହିତ ବିଧାୟକଙ୍କୁ ନେଇ ଆଲୋଚନା କରାଯାଇଛି। ଏହି ଅବସରରେ ବହୁ ସଂଖ୍ୟାରେ କର୍ମୀ, ଶୁଭେଚ୍ଛୁ, ଲୋକ ପ୍ରତିନିଧି ସହିତ ସୋରଡ଼ା ଓ ବେଲଗୁଣ୍ଠା ଏନଏସି ଅଧ୍ୟକ୍ଷ ଓ କାଉନ୍ସିଲର, ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସାଫଳତାକୁ ଘରେ ଘରେ ପହଞ୍ଚିବା ନେଇ ଆଲୋଚନା କରିଥିଲେ। ସାଗରବନ୍ଧ ସ୍ଥିତ ବିଜୁ ସଂସ୍କୃତିକ ଭବନରେ ବ୍ଲକ ସଭାପତି ବସନ୍ତ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ମହାଙ୍କୁଡ, ସୋରଡ଼ା ନଗର ସଭାପତି ସଞ୍ଜୀବ କୁମାର ଅଧିକାରୀଙ୍କ ସହିତ ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ।

**ଧରାକୋଟ :** '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଧରାକୋଟ ଗସ୍ତରେ ଆସୁଥିବା ଯୋଗୁଁ ବିଭିନ୍ନ ମହଲରେ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଓ ରାଜ୍ୟ ଡିଜିଟାଲ ସଂଯୋଜକ ଅମିତ୍ ମଲିକ ଧରାକୋଟରେ ପହଞ୍ଚି ପୂର୍ବତନ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ଓ ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କ ସହ '୫-ଟି' ଅଧ୍ୟକ୍ଷଙ୍କ ଗସ୍ତ କାର୍ଯ୍ୟକ୍ରମ ସଫଳ କରିବା ନେଇ ଆଲୋଚନା କରିଥିଲେ ଏବଂ ସଭାସ୍ଥଳ ପରିଦର୍ଶନ କରି ଫେରିଥିଲେ। ଏହି ଅବସରରେ ବ୍ରହ୍ମପୁର ଉପଜିଲ୍ଲାପାଳ ଧିନା ଦସ୍ତାଗିର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା



ଭଞ୍ଜନଗର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ ମହାପାତ୍ର, ବିଡିଓ ଡେନିସ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, ସହକାରୀ ଯନ୍ତ୍ରୀ ଚିରଞ୍ଜିବୀ ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ ଓ ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଟିଏ ଜୁଇରେ ଜଳିଲା ମା' ପୁଅଙ୍କ ଶବ

ପାତ୍ରପୁର,୨୦।୧(ସମିସ): ଜରଡା ଥାନା ଅନ୍ତର୍ଗତ ଚୁଡିଆଲାଞ୍ଜି ଗ୍ରାମରେ ସୋମବାର ସନ୍ଦେହଜନକ ଅବସ୍ଥାରେ ଦାଲି ମୋହନ ରାଓଙ୍କ ସ୍ତ୍ରୀ ଦାଲି ନିଲାବେଣି (୨୫) ଏବଂ ତାଙ୍କ ପୁଅ ଦାଲି ରିତିକ୍ (୦୭) ମୃତଦେହ ଉଦ୍ଧାର ହୋଇଥିଲା। ଜରଡା ଥାନା ଅଧିକାରୀ ଟୁନା ସାସମଲ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଚିକିଟି ଏସ୍‌ଡିପିଓ ସୁଜିତ କୁମାର ନାୟକ, ତହସିଲଦାର ବଳଦେବ ବେହେରା, ବ୍ରହ୍ମପୁର ସାଇନଟିଫିକ୍ ଟିମ୍ ଓ ସନ୍ଧାନି କୁକୁର ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ଏଥି ସହିତ ମା'ପୁଅର ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଥିଲେ। ବିଳମ୍ବିତ ରାତିରେ ପ୍ରାୟ ୧୧ଟାବେଳେ ପୁଲିସ ଶବ ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଥିଲେ। ଅପରପକ୍ଷେ ଘଟଣା ସମ୍ପର୍କରେ ସୂଚନା ପାଇ ନିଲାବେଣି ମଙ୍ଗଳବାର ମଧ୍ୟାହ୍ନରେ ଗାଁରେ ପହଞ୍ଚିଥିଲେ। ସାଢେ ୧୨ ଘଣ୍ଟା ସମୟରେ ଚୁଡିଆଲାଞ୍ଜି ଗ୍ରାମ ଶ୍ମଶାନରେ ଗୋଟିଏ ଜୁଇରେ ନିଲାବେଣି ଓ ତାଙ୍କ ପୁଅ ରିତିକ୍ ଚିତା ଜଳିଥିଲା। ଗୋଟିଏ ଜୁଇରେ ମା'ପୁଅର ଚିତା ଜଳିବା ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ଥିବାବେଳେ ଚୁଡିଆଲାଞ୍ଜି ଗ୍ରାମ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

**ଗଞ୍ଜାମ,୧୯ ।୨(ସମିସ):** ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଖେଳ ପଡିଆରେ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୬୦ କେଜି ବର୍ଗରେ ଗଞ୍ଜାମ ସହର ମଧ୍ୟଖଣ୍ଡ ସାହିର ରାକେଶ କୁମାର ପଣ୍ଡା ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ୨୦ ଜଣ ଭାଗ ନେଇଥିଲେ। ମଧ୍ୟଖଣ୍ଡ ସାହି ରବି ପଣ୍ଡାଙ୍କ ପୁଅ ରାକେଶ ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ରାଜ୍ୟ ପାଇଁ ଗୌରବ ଆଣିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି।

## ୯ ତହସିଲର ୭୧୦ ଜଣଙ୍କୁ ମିଳିଲା ସିକିମ ପଟ୍ଟା

### ଭିସି ଯୋଗେ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଛତ୍ରପୁର,୨୦।୨(ସମିସ): ଗଞ୍ଜାମ ଜିଲ୍ଲାସ୍ତରୀୟ ପଟ୍ଟା ପ୍ରଦାନ ସମାରୋହ ଛତ୍ରପୁର ସ୍ଥିତ ଷ୍ଟାଡିଅମରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫ୍ରେନ୍ସ ଜରିଆରେ ଏହାର ଶୁଭାରମ୍ଭ କରିଛନ୍ତି। ସିକିମ ସତ୍ତ୍ୱଧାରୀ ଚାଷୀ ମାନଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ ପାଇଁ ଓଡିଶା ଭୁସଂସ୍କାର ଆଇନ୍, ୧୯୬୦ର ଆବଶ୍ୟକୀୟ ସଂଶୋଧନ କରାଯାଇଛି। ସିକିମ ଚାଷୀ ମାନେ ଦଖଲରେ ଥିବା ଜମି ଉପରେ ସ୍ଥାୟୀ, ବଂଶାନୁକ୍ରମିକ ଓ ହସ୍ତାନ୍ତର ଯୋଗ୍ୟ ଅଧିକାର ପାଇଛନ୍ତି।

ରାଜ୍ୟରୁ ସିକିମ ସ୍ୱତ୍ତ୍ୱ ଭାବେ ରେକର୍ଡ ହୋଇଥିବା ଜମିର ଦଖଲକାରୀଙ୍କୁ ସେହି ଜମି ଉପରେ ସ୍ଥିତିବାନ ସ୍ୱତ୍ତ୍ୱର ପଟ୍ଟା ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ କୁମାର ପଟ୍ଟନାୟକ। ଛତ୍ରପୁର ଷ୍ଟାଡିଅମର ଆୟୋଜିତ ଏହି ଆଭାସୀ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଦକ୍ଷିଣାଞ୍ଚଳ ଆରଡିସି ରଞ୍ଜନ କୁମାର ଦାସ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାର ୯ଟି ତହସିଲ ଅଞ୍ଚଳର ୭୧୦ ଜଣ ହିତାଧିକାରୀଙ୍କୁ ଏହି ପଟ୍ଟା ବଣ୍ଟନ କରାଯାଇଥିଲା। ପଟ୍ଟା ପ୍ରଦାନ ସମାରୋହରେ ପ୍ରଥମେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ପରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ସିକିମ ପଟ୍ଟା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଛତ୍ରପୁର ତହସିଲ ଅନ୍ତର୍ଗତ ଚଷାକଣା ଗ୍ରାମର ଶଶୀକଳା ପ୍ରଧାନ ନାମକ ହିତାଧିକାରୀ କଥା ହେବା ସହିତ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ସାହୁ ପ୍ରିୟରଞ୍ଜନ ପୃଷ୍ଟି ଓ ପ୍ରମୋଦ ପୃଷ୍ଟି, ଡୁଡ଼ା ପିଡି ସୁଧାଂଶୁ କୁମାର ଭୋଇ, ବ୍ରହ୍ମପୁର ଉପଜିଲ୍ଲାପାଳ, ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଡେପୁଟି କଲେକ୍ଟର ଦୟାସିନ୍ଧୁ ପରିଡାଙ୍କ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ, ମିଶନ ଶକ୍ତିର ସଦସ୍ୟା ଓ ହିତାଧିକାରୀ ମାନେ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲ୍ଲାରେ ୭୧୦ ଜଣଙ୍କୁ ଏହି ପଟ୍ଟା ପ୍ରଦାନ କରାଯାଇଛି। ସେମାନେ ହେଲେ ଗଞ୍ଜାମ ତହସିଲର ୧୩ ଜଣ, ଖଲ୍ଲିକୋଟ ତହସିଲର୨ ଜଣ, ହିଞ୍ଜିଳିର ୪୮ ଜଣ, ପୁରୁଷୋତ୍ତମପୁରର ୧୬୬ ଜଣ, ଛତ୍ରପୁର ତହସିଲର ୧୦୫ ଜଣ, ବ୍ରହ୍ମପୁରର ୩ଜଣ, କୁକୁଡାଖଣ୍ଡିର ୨୨୦ ଜଣ, ଚିକିଟିର ୨୩ ଜଣ ଓ କନିଷି ତହସିଲର ୧୩୦ ଜଣଙ୍କୁ ଏହି ପଟ୍ଟା ପ୍ରଦାନ କରାଯାଇଛି।

## ୫-ଟି ଅଧ୍ୟକ୍ଷଙ୍କ ଗସ୍ତ ନେଇ ପ୍ରସ୍ତୁତି

ବେଲଗୁଣ୍ଠା,୨୦।୨(ସମିସ): ଆସନ୍ତା ୨୨ ତାରିଖରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବେଲଗୁଣ୍ଠା ଗସ୍ତ ରହିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ବେଲଗୁଣ୍ଠା ଟାଉନ ହଲ୍ ଠାରେ ବେଲଗୁଣ୍ଠା ବ୍ଲକ୍ ବିଜେଡ଼ି ସଭାପତି ଏସ୍ ରାମେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ।

## ଗଞ୍ଜାମ ଜିଲ୍ଲାରେ ଆଜି ଠାରୁ ଲକ୍ଷ୍ମୀ ବସ ସେବା

ଛତ୍ରପୁର, ୨୦।୨(ସମିସ): ଫେବୃଆରୀ ୨୧ ରେ ଗଞ୍ଜାମ ଜିଲ୍ଲା ରେ ଗଡିବ ଲକ୍ଷ୍ମୀ ବସ। ଏହାକୁ ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗଞ୍ଜାମ ଜିଲ୍ଲାର ୧୨୪ଟି ରୁଟରେ ଏହି ଲକ୍ଷ୍ମୀ ବସ ଚାଲିବ। ପ୍ରତି ପଞ୍ଚାୟତରୁ ନିଜ ନିଜ ବ୍ଲକ ଆସିବାକୁ ଆଉ ଅସୁବିଧା ହେବନାହିଁ।

## ସାମ୍ବାଦିକଙ୍କ ମାତୃ ବିୟୋଗ

**ବୁଗୁଡା,୨୦।୨(ସମିସ):** ସ୍ଥାନୀୟ ମିଡିଆ କ୍ଲବର ଉପଦେଷ୍ଟା ତଥା ସାମ୍ବାଦିକ କାଳି ଚରଣ ଦାଶଙ୍କ ମା' ସତ୍ୟଭାମା ଦାଶଙ୍କ ୯୯ ବର୍ଷ ବୟସରେ ସୋମବାର ଭୋର ସମୟରେ ଦେହାନ୍ତ ହୋଇଯାଇଛି। ତାଙ୍କର ମୃତ୍ୟୁରେ ଶୋକର ଛାୟା ଖେଳି ଯାଇଛି। ସେ ଜଣେ ଧର୍ମପରାୟଣା, ମିଷ୍ଟଭାଷୀ, ଆଧ୍ୟାତ୍ମିକବାଦୀ, ସରଳ ସ୍ୱଭାବର ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ନାତି, ନାତୁଣୀ, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ।

## ଚନ୍ଦନ କାଠ ଜବତ, ତିନି ଗିରଫ

**ପାରଳାଖେମୁଣ୍ଡି,୨୦।୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରବନ୍ଧ ପୁଲିସ ଚନ୍ଦନ କାଠ ଜବତ କରିଥିବା ବେଳେ ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡିଛି। ଆଜି ଗାରବନ୍ଧ ଥାନା ଅଧିକାରିଣୀ ରିନାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ଲୋକନାଥ ବେହେରା, କନେଷ୍ଟବଳ ଅନୁ ବଡରଇତ ପାଟ୍ରୋଲିଂ କରୁଥିବା ସମୟରେ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ପୋଡା ସାହି ପଟରୁ ଏକ ଅଟୋ ଯାଉଥିଲା। ସନ୍ଦେହରେ ଅଟୋକୁ ଅଟକାଇ ଯାଞ୍ଚ କଲାବେଳେ ସେଥିରେ ଦୁଇଟି ବସ୍ତାରେ ଚନ୍ଦନ କାଠ ଦେଖିବାକୁ ମିଳିଥିଲା। ଚନ୍ଦନ କାଠ ଜବତ କରାଯିବା ସହ ଅଟୋରେ ବସିଥିବା ତିନି ଅଭିଯୁକ୍ତ ପାରଳାଖେମୁଣ୍ଡି ସହର ରାମନଗର ଶବର ସାହିର ଆପାରାଓ ଶବର (୫୨), ଗୌରୀ ଶଙ୍କର ଶବର (୨୦) ଏବଂ ମୋହନା ବ୍ଲକ ଅଡବା ଥାନା ଅନ୍ତର୍ଗତ କେଶରାଗୁଡା ଗ୍ରାମର ହେରଦା ରଇତ (୨୦)ଙ୍କୁ ପଚରାଉଚରା ବେଳେ ସେମାନେ ଚନ୍ଦନ କାଠ ଚାଲାଣ କରୁଥିବା ସ୍ୱୀକାର କରିଥିଲେ।

# ପ୍ରଥମ ଦିନ ଶାନ୍ତିଶୃଙ୍ଖଳାର ସହ ମାଟ୍ରିକ ପରୀକ୍ଷା ଶେଷ

## ୧୦ ହଜାର ୫୧୯ ଛାତ୍ରଛାତ୍ରୀ ଦେଲେ ପରୀକ୍ଷା, ୨୧୦ ଅନୁପସ୍ଥିତ



**ଫୁଲବାଣୀ,୨୦।୨(ସମିସ):** ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ୨୦୮ ହାଇସ୍କୁଲର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ସମୁଦାୟ ୬୫ଟି ସେଂଟରରେ ୧୦ହଜାର ୭୨୯ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୧୦ହଜାର ୫୧୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୧୦ଜଣ ଅନୁପସ୍ଥିତ ରହିଥିଲେ। ୧୩୫ ଜଣ ମଧ୍ୟମା ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଜଣେ ଅନୁପସ୍ଥିତ ରହିଥିଲେ। ସେହିପରି ଓଡିଶା ମୁକ୍ତ ବିଦ୍ୟାଳୟରର ୨୮୮ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ୨୦୧ ଜଣ ପରୀକ୍ଷା ଦେଇଥିବା ବେଳେ ୭୭ ଜଣ ଅନୁପସ୍ଥିତ ଥିଲେ। ଜିଲ୍ଲାରେ ଶାନ୍ତିଶୃଙ୍ଖଳା ର ସହ ପରୀକ୍ଷା ଶେଷ ହୋଇଥିବା ସୂଚନା ଦେଇଛନ୍ତି ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ ଷଡଙ୍ଗୀ। ସ୍ୱଚ୍ଛ,ମୁକ୍ତ ଓ ଅବାଧରେ ପରୀକ୍ଷା କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ସ୍କ୍ୱାର୍ଡ ଗଠନ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ୨ଟି ସ୍କ୍ୱାର୍ଡ, ବୋର୍ଡ ପକ୍ଷରୁ ଗୋଟିଏ ସ୍ପେସାଲ ସ୍କ୍ୱାର୍ଡ ଓ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଏକ ସ୍ୱତନ୍ତ୍ର ଭାବେ ଟିମ ଗଠନ କରାଯାଇ ସମସ୍ତ ପରୀକ୍ଷା ସେଣ୍ଟର ଉପରେ ନଜର ରଖାଯାଇଥଲା। ସେହିପରି ବୋର୍ଡ ପକ୍ଷରୁ ୧୪ଜଣ ପରୀକ୍ଷା କେନ୍ଦ୍ର ଉପରେ ନଜର ରଖୁଥିବା ବେଳେ ୧୪ ନୋଡାଲ ସେଣ୍ଟରରେ ମାଜିଷ୍ଟ୍ରେଟ ନୁଯୁକ୍ ହୋଇଛନ୍ତି। ଜିଲ୍ଲାର ସମ୍ବେଦନଶୀଳ ପରୀକ୍ଷର କେନ୍ଦ୍ରର ୧୪ଟି ସ୍ଥାନରେ ସିସି ଟିଭି ବ୍ୟବସ୍ଥା କରାଯାଇଛି।

## ପରୀକ୍ଷା ଦେଲେ ୭୩୬ ବିଦ୍ୟାର୍ଥୀ, ୧୧ ଅନୁପସ୍ଥିତ

**ଜି.ଉଦୟଗିରି,୨୦।୨(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ହବାକ ହାଇସ୍କୁଲ ନୋଡାଲ ସେଣ୍ଟର ଅଧିନରେ ଥିବା ୪ କେନ୍ଦ୍ରରେ ପ୍ରଥମ ଦିନରେ ମାଟ୍ରିକ ପରୀକ୍ଷା ଦେଇଛନ୍ତି ୭୩୬ ଜଣ ପରୀକ୍ଷାର୍ଥୀ। ମୋଟ ୭୪୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧ ଜଣ ଅନୁପସ୍ଥିତ ରହିଥିବା କହିଛନ୍ତି ନୋଡାଲ ଅଫିସର ବିଜୟ କୁମାର ମିଶ୍ର। କଳିଗାଂ ହାଇସ୍କୁଲରେ ମୋଟ ୧୫୫ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୧୫୩ ଜଣ ପରୀକ୍ଷା ଦେଇଥିବା ବେଳେ ୨ ଜଣ ଅନୁପସ୍ଥିତ ଥିଲେ। ଜି. ଉଦୟଗିରି ସରକାରୀ ବାଳିକା ବିଦ୍ୟାଳୟରେ ମୋଟ ୨୩୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୩ ଜଣ ଅନୁପସ୍ଥିତ ଥିଲେ। ହବାକ ହାଇସ୍କୁଲରେ ୨୫୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫୧ ଜଣ ପରୀକ୍ଷାର୍ଥୀ ଦେଇଥିବା ବେଳେ ଜଣେ ଅନୁପସ୍ଥିତ ଥିବା ଜଣାଯାଇଛି। ସେହିଭଳି ଲିଗାଂଗଡ ପରୀକ୍ଷା କେନ୍ଦ୍ରରେ ୧୦୭ ଜଣ ପରୀକ୍ଷାଙ୍କ ମଧ୍ୟରୁ ୧୦୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୫ ଜଣ ଅନୁପସ୍ଥିତ ରହିଛନ୍ତି। ଏମିତି ମୋଟ ୪ ପରୀକ୍ଷା କେନ୍ଦ୍ର ର। ୧୧ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ପ୍ରଥମ ଦିନରେ ପ୍ରଥମ ଭାଷା ଓଡ଼ିଆ ସହଜ ଏବଂ ଭଲ ହୋଇଛି ବୋଲି କହିଛନ୍ତି ଜଣେ ପରୀକ୍ଷାର୍ଥୀ ସୁୟସ କୁମାର ସାମଲ।

## ୯ କେନ୍ଦ୍ରରେ ୧୭୨୯ ବିଦ୍ୟାର୍ଥୀ ପରୀକ୍ଷା ଦେଲେ

**ସାନଖେମୁଣ୍ଡି,୨୦।୨(ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ସାନଖେମୁଣ୍ଡି ବ୍ଲକର ୯ଟି କେନ୍ଦ୍ରରେ ୧୭୬୪ ଜଣ ଛାତ୍ର ଛାତ୍ରୀ ଫର୍ମ ଦାଖଲ କରିଥିବା ବେଳେ ୧୭୨୯ ଜଣ ପରୀକ୍ଷା ଦେଇଥିଲେ। ପ୍ରଥମ ଦିନ ସାହିତ୍ୟ ବିଷୟ ପରୀକ୍ଷାକୁ ଶାନ୍ତି ଶୃଙ୍ଖଳାର ସହିତ ଶେଷ କରିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଥିଲା।



## ୩୯ ଛାତ୍ରଛାତ୍ରୀ ଅନୁପସ୍ଥିତ

**ପାତ୍ରପୁର,୨୦।୨(ସମିସ):** ମାଟ୍ରିକ ବୋର୍ଡ ପରୀକ୍ଷାର ମଙ୍ଗଳବାର ଥିଲା ପ୍ରଥମ ଦିନ। ପ୍ରଥମ ଦିନରେ ପାତ୍ରପୁର ବ୍ଲକ ମୋଟ ୩୯ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ପାତ୍ରପୁର ବ୍ଲକରେ ପାତ୍ରପୁର, ସାମନ୍ତିଆପଲ୍ଲୀ, ତୁମ୍ବା, ଜରଡା, ସୁରଙ୍ଗୀ ଓ ଖାରିଆଗୁଡ଼ା ଭଳି ୬ଟି ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ମୋଟ ୧୫୩୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନେଇ ଫର୍ମ ପୂରଣ କରିଥିଲେ। ଛାତ୍ରଛାତ୍ରୀ ମାନେ ପରୀକ୍ଷା ଦେବାପାଇଁ ଦେଢ଼ ଘଣ୍ଟା ପୂର୍ବରୁ ପରୀକ୍ଷା ହଲକୁ ପ୍ରବେଶ କରିଥିଲେ। ଶୃଙ୍ଖଳା ପାଇଁ ପୁଲିସ ମୁତୟନ ଥିବା ନେଇ ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱରୂପ ରଞ୍ଜନ ମହାନ୍ତି କହିଛନ୍ତି।

ସିଟି ମଣ୍ଟେସୋରି
ସିଦ୍ଧାର୍ଥ ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ଗଞ୍ଜାମ
ନାମଲେଖା ବିଜ୍ଞାପନ (୨୦୨୪-୨୫)
ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (ସେକ୍ସନ ପି-୯ ଆଇସି) ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ ଏସ୍‌ସି, ଏସ୍‌ଟି, ଏସିବିସି, ସିଡବ୍ଲୁଏସ୍‌ଏନ, ବିପିଏଲ (ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି / ସାମାଜିକ ଅନଗ୍ରସର / ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ। ଏହି ବର୍ଗର ଶିଶୁମାନେ ତା.୨୨.୦୨.୨୦୨୪ରିଖ ଠାରୁ ତା.୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.odisha.gov.in website ମାଧ୍ୟମରେ ଆବେଦନ କରିପାରିବେ।
ସା/- ପ୍ରଧାନଆଚାର୍ଯ୍ୟା




### ହତ୍ୟା ଉଦ୍ୟମ ମାମଲା

# ଦୁଇ ଭାଇଙ୍କ ସମେତ ୩ ଜଣଙ୍କୁ ଜେଲ୍‌ଦଣ୍ଡ

**ବ୍ରହ୍ମପୁର, ୨୦।୨(ସମିସ):** ଏକ ହତ୍ୟା ଉଦ୍ୟମ ମାମଲାର ବିଚାରଣା କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଥିବା ଦର୍ଶାଇ ଏସିଜେଏମ ଅଲେଖ କୁମାର ପ୍ରଧାନ ମଙ୍ଗଳବାର ୩ଜଣ ଅଭିଯୁକ୍ତଙ୍କୁ ୫ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ହଳଦିଆପଦର ଗ୍ରାମର ଟୁଟୁ ବେହେରା(୪୨) ଓ ତାଙ୍କ ସାନଭାଇ ପ୍ରଫୁଲ୍ଲ ବେହେରା(୩୮) ଓ ମୁନା ବେହେରା(୩୧)। ଏହାସହ ସମସ୍ତ ଅଭିଯୁକ୍ତଙ୍କୁ ୫ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ହେଲେ ଆଉ ଅଧିକ ୩ମାସ ଲେଖାଏଁ କାରାଦଣ୍ଡ ଭୋଗିବେ ବୋଲି ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ ଯେ, ୨୦୧୭ମସିହା ମେ ୨୧ତାରିଖରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ହଳଦିଆପଦର ଗ୍ରାମର କ୍ଷୀରସିନ୍ଧୁ ବେହେରା ଓ ତାଙ୍କ ପୁଅ ଦିଲ୍ଲୀପ କୁମାର ବେହେରା ଓରଫ ଚିଣ୍ଟୁଙ୍କୁ ସେହିଗ୍ରାମରେ ଉପରୋକ୍ତ ଅଭିଯୁକ୍ତମାନେ ଖଣ୍ଡାରେ ଆକ୍ରମଣ କରିବା ସହ ବିଭିନ୍ନ ମାରଣାସ୍ତ୍ରରେ ହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ଦିଲ୍ଲୀପ ଓ ତାଙ୍କ ବାପା କ୍ଷୀରସିନ୍ଧୁ ମେଡ଼ିକାଲ ଭର୍ତ୍ତି ହୋଇଥିଲେ। ଏନେଇ ଦିଲ୍ଲୀପଙ୍କ ମାଆ ଲକ୍ଷ୍ମୀ ବେହେରା ଗୋଳନ୍ଥରା ଥାନାରେ ୨୨ତାରିଖରେ ଅଭିଯୋଗ କରିଥିଲେ। ଏହିକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଆକ୍ରମଣ ଘଟଣାରେ ଅଭିଯୁକ୍ତ ଟୁଟୁ, ପ୍ରଫୁଲ୍ଲ ଓ ମୁନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇ ଜେଲରୁ ମୁକୁଳିଥିଲେ। ଉକ୍ତ ମାମଲାର ବିଚାରଣା ବେଳେ ୧୧ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମଙ୍ଗଳବାର ରାୟ ପ୍ରକାଶ ବେଳେ ସମସ୍ତ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଥିବା ଦର୍ଶାଇ କୋର୍ଟ ଏହି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ପ୍ରସନ୍ନ କୁମାର ପାତ୍ର, ଜଗନ୍ନାଥ ମିଶ୍ର ଓ କୁରେଶ ଗୌଡ଼ ମକଦ୍ଦମା ପରିଚାଳନା କରିଥିଲେ।

# ବ୍ରହ୍ମପୁର ଆଇଟିଆଇରେ ସ୍ମାର୍ଟ କ୍ଲାସ୍‌ରୁମ୍ ଉଦ୍‌ଘାଟନ

**ବ୍ରହ୍ମପୁର, ୨୦।୨(ସମିସ):** ସ୍ଥାନୀୟ ସରକାରୀ ଆଇଟିଆଇରେ ଗୋପାଳପୁର ସ୍ଥିତ ଆଇଆରଇଏଲ ସହଯୋଗରେ ମଙ୍ଗଳବାର ସ୍ମାର୍ଟ କ୍ଲାସ ରୁମ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ପ୍ରବନ୍ଧକ ଇଂ. ଦୀପକ କୁମାର ସାହୁ ଯୋଗ ଦେଇ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଇଆରଇଏଲର ପ୍ରକଳ୍ପ ମୁଖ୍ୟ ସି.ଭି.ଆର ମୂର୍ତ୍ତି, ଅନୁଷ୍ଠାନର ଅଧ୍ୟକ୍ଷ ଡ଼. ରଜତ ପାଣିଗ୍ରାହୀ, ଆଇଆରଏଲର ମହାପ୍ରବନ୍ଧକ(ସୁରକ୍ଷା) ଭର୍ଗିସ ଆଣ୍ଟୋନୀ, ଉପ



ମହାପ୍ରବନ୍ଧକ(ଖଣି) ଜି. କେ ନାୟକ, ମୁଖ୍ୟ ପ୍ରବନ୍ଧକ(ଟେକ୍ନିକାଲ ସର୍ଭିସ) ସୁରେଶ ବେହେରା ଯୋଗ ଦେଇଥିଲେ। ଆଇଟିଆଇ ପରିସରରେ ଥିବା ପୁରାତନ ଏକ କୋଠକୁ ସ୍ମାର୍ଟ କ୍ଲାସ ଭାବେ ପରିଣତ କରାଯାଇଛି। ସେଥିରେ ବିଭିନ୍ନ ପ୍ରକାର ଡିଜିଟାଲ ଉପକରଣ ଯଥା ଏଲଇଡି ଟିଭି, କ୍ୟାମେରା ଓ ଇଣ୍ଟରନେଟ ଭଳି ବିଭିନ୍ନ ସୁବିଧା କରାଯାଇଛି। ଯାହାକୁ ଛାତ୍ରଛାତ୍ରୀମାନେ ବ୍ୟବହାର କରି ଉନ୍ନତମାନର ଜ୍ଞାନ କୌଶଳ ଶିଖିବାର ସହଯୋଗ ହେବ। ଆଇଆରଇଲର ଏଭଳି ପଦେକ୍ଷପ ନିମନ୍ତେ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ବିଦ୍ୟାର୍ଥୀଙ୍କ ସମେତ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ।

# ମହାନଗର ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ

**ବ୍ରହ୍ମପୁର, ୨୦।୨(ସମିସ):** ସ୍ଥାନୀୟ ସିଟି ହାଇସ୍କୁଲ ରୋଡ ସ୍ଥିତ ଏକ ହୋଟେଲ ପରିସରରେ ମଙ୍ଗଳବାର ବ୍ରହ୍ମପୁର ମହାନଗର ନିଗମ ଅବସପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଚିନାରୀ ଶ୍ୟାମ ମୂର୍ତ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଲକ୍ଷ୍ମୀ ଚରଣ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଶ୍ରୀ ମୂର୍ତ୍ତି ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ପରିଶେଷରେ ଉପଦେଷ୍ଟା ସୁଧୀର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ମୁକୁନ୍ଦ ମହାପାତ୍ର, ଉପ ସଭାପତି ନୀଳାମ୍ବର ସାହୁ, ସିମାଞ୍ଚଳ ବେହେରା, ସଙ୍ଗଠନ ସମ୍ପାଦକ ଅନନ୍ତ ଘଡେଇ, ଯୁଗ୍ମ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭଙ୍ଗାଯିବ ପୁରୁଣା କୋଠା

**ବ୍ରହ୍ମପୁର, ୨୦।୨(ସମିସ)**

ବ୍ରହ୍ମପୁର କୋର୍ଟ କ୍ୟାମ୍ପସର ବଦଳିବ ଚିତ୍ର। ପୁରୁଣା କୋଠାର ସ୍ଥାନ ନେବ ବହୁତଳ ବିଶିଷ୍ଟ କୋଠା। ଏଥିପାଇଁ ସରକାରୀ ଅନୁମୋଦନ ମିଳିସାରିଛି। ତେବେ ନୂତନ କୋଠା ନିର୍ମାଣ ପାଇଁ ବର୍ତ୍ତମାନର ବହୁ ପୁରାତନ କୋଠାଗୁଡିକୁ ଭାଙ୍ଗିବାର ଆବଶ୍ୟକତା ରହିଛି। ପୁରୁଣା କୋଠାକୁ ଭଙ୍ଗାଯିବା ପରେ ସେଠାରେ ନୂତନ କୋଠା ନିର୍ମାଣ କରାଯିବ। ଏନେଇ ପୂର୍ବରୁ ବ୍ରହ୍ମପୁର ସିଭିଲ କୋର୍ଟ ରେଜିଷ୍ଟ୍ରାର ଗଞ୍ଜାମ ଓକିଲ ସଂଘର ସମ୍ପାଦକଙ୍କୁ ଚିଠି ଜରିଆରେ ସହଯୋଗ ଲୋଡିବା ସହ ସଂଘ କାର୍ଯ୍ୟାଳୟ ସମେତକୋର୍ଟ ହତା ମଧ୍ୟରେ ଥିବା ଓକିଲଙ୍କ ଚାମ୍ବରଗୁଡିକୁ ସ୍ଥାନାନ୍ତର କରି କ୍ୟାମ୍ପସକୁ ଖାଲି କରିବାକୁ କହିଥିଲେ। ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣକୁ ସ୍ୱାଗତ କରୁଥିଲେ ହେଁ ପରବର୍ତ୍ତି ସମୟରେ ବିଭିନ୍ନ କାରଣ ଦର୍ଶାଇ ଗଞ୍ଜାମ ଓକିଲ ସଂଘ ପକ୍ଷରୁ କିଛି ଦିନର ମହଲତ ମଗାଯାଇଥିଲା। ଫଳରେ ଏହି ପ୍ରକ୍ରିୟାରେ ସାମାନ୍ୟ ବିଳମ୍ବ ହୋଇଥିଲା। ତେବେ ଗତ ୧୬ତାରିଖରେ ବ୍ରହ୍ମପୁର ସିଭିଲ କୋର୍ଟ ରେଜିଷ୍ଟ୍ରାର ଡଃ ପ୍ରଦୀପ କୁମାର ପ୍ରଧାନ ଗଞ୍ଜାମ ଓକିଲ ସଂଘର ସମ୍ପାଦକଙ୍କ ନିକଟକୁ ପୁଣି ଚିଠି ଲେଖି ୭ଦିନ ମଧ୍ୟରେ ଓକିଲ ସଂଘ କାର୍ଯ୍ୟାଳୟ ଖାଲି କରିବାକୁ କହିଥିଲେ। ଚିଠି ଅନୁସାରେ ଆସନ୍ତା ୨୩ତାରିଖରେ ୭ଦିନର ମହଲତ ଶେଷ ହେବାକୁ ଯାଉଛି। ଇତି ମଧ୍ୟରେ ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତାଙ୍କ ସମେତ ବରିଷ୍ଠ ଆଇନଜୀବୀଙ୍କ ସହ ଗତ ସୋମବାର ଦିନ ଜିଲ୍ଲା ଜଜ୍ ରୁପଶ୍ରୀ ଚୌଧୁରୀ ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ଓ ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟ ଭଙ୍ଗାଯିବା ନେଇ ବିସ୍ତୃତ ଆଲୋଚନା କରି ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଆସନ୍ତା ୨୩ତାରିଖରେ ୭ଦିନର ମହଲତ ଶେଷ ହେବାକୁ ଥିବା ବେଳେ ଏନେଇ ଆଲୋଚନା କରିବାକୁ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଏକ ଜରୁରୀ ତଥା ଗୁରୁତ୍ୱପୂର୍ଣ୍ଣ ସାଧାରଣ ପରିଷଦ ବୈଠକ ବୁଧବାର ଡକାଯାଇଛି। ବୈଠକରେ ସଂଘର କାର୍ଯ୍ୟାଳୟ ଭଙ୍ଗାଯିବା ଓ ନୂତନ କୋଠାରେ ସଂଘର କାର୍ଯ୍ୟାଳୟ ତଥା ଆଇନଜୀବୀଙ୍କ ସହିତ ମହକିଲଙ୍କ ପାଇଁ କଣ କଣ ସୁବିଧା ରହିବ ସେନେଇ ମଧ୍ୟ ବିସ୍ତୃତ ଆଲୋଚନା ହେବାର ସମ୍ଭାବନା ରହିଛି। ପ୍ରକାଶ ଯୋଗ୍ୟ ଯେ' ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟ ଭଙ୍ଗାଯିବା ପୂର୍ବରୁ କୋର୍ଟ କ୍ୟାମ୍ପସରେ ଆଇନଜୀବୀଙ୍କ ପାଇଁ ବିକଳ୍ପ ତଥା ସାମୟିକ ବ୍ୟବସ୍ଥା କରାଯାଇଛି। ନୂତନ କୋଠା ନିର୍ମାଣ ପର୍ଯ୍ୟନ୍ତ ସେହି ସ୍ଥାନରେ ଆଇନଜୀବୀମାନେ ନିଜ କାର୍ଯ୍ୟ କରିପାରିବେ। ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟ ସମେତ ସିଏସଆଇ କାର୍ଯ୍ୟାଳୟ ଓ ଏସଡିଜେଏମଙ୍କ କୋର୍ଟ ସମେତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ପୁରୁଣା ପୋଷ୍ଟ ଅଫିସ, ମାଲଖାନା ଓ ଫାଷ୍ଟଟ୍ରାକ ଓ ଫ୍ୟାମିଲି କୋର୍ଟ କୋଠା ମଧ୍ୟ ଭଙ୍ଗାଯିବ। ଓକିଲ ସଂଘ କାର୍ଯ୍ୟାଳୟକୁ ବାଦ ଦେଇ ଭଙ୍ଗାଯିବାକୁ ଥିବା ସମସ୍ତ କୋଠାକୁ ଖାଲି କରାଯାଇଛି। ଓକିଲ ସଂଘ କାର୍ଯ୍ୟାଳୟ ଖାଲି କରାଗଲେ ପୁରୁଣା କୋଠା ଭାଙ୍ଗିବା କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ବ୍ରହ୍ମପୁର ପୂର୍ତ୍ତବିଭାଗ ସବ୍ ଡିଭିଜନ(୧) ପକ୍ଷରୁ ନୂତନ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ପାଇଁ ବ୍ୟୟ ଅଟକଳ କରାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ କୋର୍ଟ ବିଲ୍ଡିଂ ଭୂତଳ ପାର୍କିଂ ସହିତ ୪ମହଲା ବିଶିଷ୍ଟ ହେବ। ଏଥିପାଇଁ ମୋଟ ୬୧.୨୮କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିଭଳି ମାଲଖାନା ଓ ରେକର୍ଡ ରୁମ ୪ମହଲା ବିଶିଷ୍ଟ ହେବ ଏବଂ ଏଥିପାଇଁ ୧୦.୫୯କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିଭଳି ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟ ଓ କ୍ୟାଣ୍ଟିନ ସମେତ ଅନ୍ୟାନ୍ୟ ସୁବିଧା ପାଇଁ ଭୂତଳ ପାର୍କିଂ ସହିତ ମୋଟ ୪ମହଲା ବିଶିଷ୍ଟ କୋଠା ନିର୍ମାଣ ହେବ ଏବଂ ଏଥିପାଇଁ ୧୫କୋଟି ୫୩ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରିଛି ପୂର୍ତ୍ତବିଭାଗ। ଏନେଇ ସୂଚନା ଦେଇଛନ୍ତି ଦାୟିତ୍ୱରେ ଥିବା ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ଏସ.କେ. ପଣ୍ଡା। ଏହି ପ୍ରକଳ୍ପ ପାଇଁ ବିଭାଗ ପକ୍ଷରୁ ପ୍ଲାନ ଓ ବ୍ୟୟ ଅଟକଳ କରାଯାଇ ପ୍ରଶାସନିକ ଅନୁମୋଦନ ପାଇଁ ପଠାଯାଇଛି। ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇ ନିର୍ମାଣ କାର୍ଯ୍ୟ କରାଯିବ। ତେବେ ଏଥିପୂର୍ବରୁ ସମ୍ପୃକ୍ତ ଅଞ୍ଚଳକୁ ଖାଲି କରି ଭଙ୍ଗାଯିବାର ଆବଶ୍ୟକତା ରହିଛି। ବୁଧବାର ଗଞ୍ଜାମ ଓକିଲ ସଂଘର ଗୁରୁତ୍ୱପୂର୍ଣ୍ଣ ସାଧାରଣ ପରିଷଦ ବୈଠକରେ ଏନେଇ ଆଲୋଚନା ପରେ ସବୁକିଛି ସ୍ପଷ୍ଟ ହେବ।

- ୨୩ରେ ସରୁଛି ୭ଦିନର ମହଲତ
- ଗଞ୍ଜାମ ଓକିଲ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି
- ୩ଟି ପୃଥକ ବହୁତଳ କୋଠା ହେବ
- ୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ
- ଆଇନଜୀବୀଙ୍କ ସହ ଜିଲ୍ଲାଜଜ୍‌ଙ୍କ ଆଲୋଚନା




### ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

# ପ୍ରଥମ ଦିନରେ ୭ଶହରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଅନୁପସ୍ଥିତ

**ବ୍ରହ୍ମପୁର, ୨୦।୨(ସମିସ)**



ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ପ୍ରଥମ ଦିନ ଅର୍ଥାତ ମଙ୍ଗଳବାର ଶୃଙ୍ଖଳାର ସହ ଶେଷ ହୋଇଛି। ପ୍ରଥମ ଦିନ ସାହିତ୍ୟ ବିଷୟରେ ପରୀକ୍ଷା ହୋଇଥିବା ବେଳେ ୭ଶହରୁ ଉଶହର ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜିଲ୍ଲା ଶିକ୍ଷା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ପ୍ରଥମ ଭାଷା ସାହିତ୍ୟ ବିଷୟ ପରିକ୍ଷାରେ କୌଣସି ବିଦ୍ୟାର୍ଥୀ କପି କରି ଧରାପଡ଼ି ନଥିବା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରବିତ୍ର ମୋହନ ସାହୁ କହିଛନ୍ତି। ସେହିପରି ଚଳିତ ମାସ ୨୩ତାରିଖରେ ଦ୍ୱିତୀୟ ଭାଷା ଇଂରେଜୀ ବିଷୟରେ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ମାର୍ଚ୍ଚ ୪ତାରିଖରେ ମାଟ୍ରିକ ବୋର୍ଡ଼ ପରୀକ୍ଷା ଶେଷ ହେବ। ମଙ୍ଗଳବାରୀ ପୂର୍ବାହ୍ନ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୧ଟା ୩୦ମିନିଟରେ ଶେଷ ହୋଇଥିଲା। ପରୀକ୍ଷାର ଏକ ଘଣ୍ଟା ପୂର୍ବରୁ ପୁଲିସ ସୁରକ୍ଷାରେ ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ଆସିଥିଲା। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ଗଞ୍ଜାମ ଜିଲ୍ଲାର ମୋଟ ୨୧୭ଟି ପରୀକ୍ଷା କେନ୍ଦ୍ରରେ ୪୫ହଜାର ୨୧୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ପଞ୍ଜିକରଣ କରିଥିଲେ। ଜିଲ୍ଲାରେ ୨୩ଟି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ର ରହିଥିବା ବେଳେ କେନ୍ଦ୍ର ଗୁଡ଼ିକରେ ସିସିଟିଭି ଲାଇଭ ଷ୍ଟ୍ରିମିଙ୍ଗ ୱେବକାଷ୍ଟିଂ ବ୍ୟବସ୍ଥା କରାଯାଇଥିଲା। ସେହିପରି ପରୀକ୍ଷା ପ୍ରଶ୍ନପତ୍ର ସୁରକ୍ଷା ନିମନ୍ତେ ଜିଲ୍ଲାରେ ମୋଟ ୧୬ଟି ନୋଡ଼ାଲ ସେଣ୍ଟରର ବ୍ୟବସ୍ଥା ରହିଥିଲା। ଏହି ସେଣ୍ଟର ଗୁଡ଼ିକରେ ସିସିଟିଭି କ୍ୟାମେରା ସହ ୨୪ଘଣ୍ଟିଆ ପୁଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷାକୁ କପିମୁକ୍ତ କରିବା ଲାଗି ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଥିବା ବେଳେ ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ୪ଟି ସ୍କାର୍ଡ ଟିମ ଗଠନ କରାଯାଇଥିଲା। ଏମାନେ ଆଜି ବିଭିନ୍ନ କେନ୍ଦ୍ର ପରିଦର୍ଶନ କରିଥିଲେ। କପିମୁକ୍ତ ପରୀକ୍ଷା ଲାଗି ଗୁରୁତ୍ୱ ଦେଇଥିଲେ। ସେହିପରି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ୨ଟି ସ୍ୱତନ୍ତ୍ର ସ୍କାର୍ଡ଼ ରହିଥିବା ବେଳେ ୧୦ଟି ସେଣ୍ଟ୍ରାଲ ସ୍କାର୍ଡ଼ ଟିମ ରହିଛନ୍ତି।

# କାହ୍ନା ଚାରିଟେବୁଲ ଟ୍ରଷ୍ଟର ସାମୂହିକ ବିବାହ କାର୍ଯ୍ୟକ୍ରମ

**ବ୍ରହ୍ମପୁର, ୨୦।୨(ସମିସ):** ସ୍ଥାନୀୟ ଗିରି ରୋଡ ସ୍ଥିତ ଗୀତ ଭବନ ପରିସରରେ ମଙ୍ଗଳବାର କାହ୍ନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସାମୁହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଦିବସ ଅବସରରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ସମାଜସେବୀ ସୁଶାନ୍ତ ସାବତ, କଂଗ୍ରେସ ଗଞ୍ଜାମ ଜିଲ୍ଲା ସଭାପତି(ପୂର୍ବ) ଦୀପକ ପଟ୍ଟନାୟକ ଯୋଗଦେଇ ନବ ଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ। ଏଥିରେ ୧୧ଜଣ ଗରିବ ଦମ୍ପତିଙ୍କୁ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାହ୍ନା ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠାତା ରଞ୍ଜନା ମିଶ୍ର, ଅପରିମିତା ମଙ୍ଗରାଜ, ସଂଯୁକ୍ତା ସାହୁ, ସାକା ସିରିଶା, ଜେ.ସୁଧା, ରବୀନ୍ଦ୍ର ନାଥ ମିଶ୍ର, ଗୌରୀ ପାତ୍ର, ତରୁଣ ପାଢ଼ୀ, ଅଲେଖ ପାଳ, ସୁଜାତା ମହାପାତ୍ର, ସୋନମ୍ ଦାସ୍, ପ୍ରୀତମ୍ ଚାନ୍ଦ ତ୍ରିପାଠୀ, ଅଶୋକ ମହାପାତ୍ର, ପ୍ରଦୀପ ସେଠୀ, ରାଗିଣୀ ସାହୁ,



ସଂଯୁକ୍ତା ତ୍ରିପାଠୀ, ବିଜୟ କୃଷ୍ଣ ମହାନ୍ତି, ବିଶ୍ୱନାଥ ପାତ୍ର, ଟି. ବିଜୟ ରାଓ, ପ୍ରସନ୍ନ କୁମାର ମହାପାତ୍ର, ମୁରଲୀ ମୋହନ ଆଚାର୍ଯ୍ୟ, ସତ୍ୟ ମହାରଣା, ସନ୍ତୋଷ ପଣ୍ଡା, ଭେଙ୍କଟ ରମଣ ସୁବୁଦ୍ଧି, ବଂଶୀଧର ଦାସ, ମନୋଜ ମହାପାତ୍ର, କେ.ଗୁରୁ ମୂର୍ତ୍ତୀ, ସତ୍ୟ ନାରାୟଣ ଦାସ, ଡ଼ ସୁରଜିତ ପାଣିଗ୍ରାହୀ, ଡ ଗୁଣାକର ରଥ, ରୋନାଲି ପାଣିଗ୍ରାହୀ, ଶିଖା ସୁମନ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ ଆଜି

**ବ୍ରହ୍ମପୁର, ୨୦।୨(ସମିସ)**













ଓଡ଼ିଶା ହେଉଛି ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ। ଏହାକୁ ଶାସ୍ତ୍ରୀୟ ମାନ୍ୟତା ମଧ୍ୟ ମିଳିସାରିଛି। ଓଡିଆ ଭାଷାର ସୁରକ୍ଷା ସହିତ ଏହାର ପ୍ରଚାର ଓ ପ୍ରସାରକୁ ରାଜ୍ୟ ସରକାର ସବୁବେଳେ ପ୍ରାଥମିକତା ଦେଇଆସିଛନ୍ତି। ଏହାସହ ରାଜ୍ୟର ସମସ୍ତ ଘରୋଇ ଓ ସରକାରୀ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡିଆରେ ନାମଫଳକ ଲେଖିବା ନେଇ ରାଜ୍ୟ ସରକାର ତଥା ଶ୍ରମ ଏବଂ କର୍ମଚାରୀଙ୍କ ରାଜ୍ୟ ବୀମା ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ ସଚେତନ ମଧ୍ୟ କରାଯାଇଛି। ଉଭୟ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ନାମଫଳକ ଓଡିଆରେ ଲେଖିବା ବାଧ୍ୟତାମୂଳକ କରାଯାଇଛି। ଏହି କାର୍ଯ୍ୟ ତଦାରଖ ନିମନ୍ତେ ଜିଲ୍ଲାସ୍ତରରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ ନେଇ ସ୍ୱତନ୍ତ୍ର କମିଟି ମଧ୍ୟ ଗଠନ କରାଯାଇଛି। ସେହିଭଳି ବିଜ୍ଞପିତ ଅଞ୍ଚଳରେ ସମ୍ପୃକ୍ତ ନିର୍ବାହୀ ଅଧିକାରୀ ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି। ନିୟମିତ ବ୍ୟବଧାନରେ ଏହି କମିଟିର ବୈଠକ ବସି ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକରେ ଓଡ଼ିଆରେ ନାମଫଳକ ଲେଖିବା ସମ୍ପର୍କରେ ସମୀକ୍ଷା କରିବା ସହ ଏ ସଂକ୍ରାନ୍ତୀୟ ଜାରି ନିର୍ଦ୍ଦେଶନାମାକୁ ଅବମାନନା କରୁଥିବା ସଂସ୍ଥା ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କମିଟି ସୁପାରିଶ କରିବେ। ସେହିପରି ପ୍ରତିବର୍ଷ ଫେବୃୟାରୀ ୨୧ତାରିଖକୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ରୂପେ ପାଳନ କରାଯାଉଛି। ଏହାପରେ ମଧ୍ୟ ଗଞ୍ଜାମ ଜିଲ୍ଲାରେ କିଛି ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଓଡ଼ିଆ ଭାଷାରେ ନାମଫଳକ(ସାଇନ୍ ବୋର୍ଡ) ଲଗାଇ ନଥିବା ଦେଖିବାକୁ ମିଳିଛି। ସହରରେ ଥିବା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ଏହି ନିୟମକୁ ଖିଲାପ କରାଯାଇଥିବା ଦେଖିବାକୁ ମିଳିଛି।

ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଲାଗିଥିବା ନାମଫଳରେ ଓଡ଼ିଆ ଭାଷାକୁ ବ୍ୟବହାର କରାଯାଇନାହିଁ। ସେହିପରି ପୁରୁଣା ବସଷ୍ଟାଣ୍ଡରେ ଥିବା ଟ୍ରାଫିକ ଡିଏସପିଙ୍କ କାର୍ଯ୍ୟାଳୟରେ ଲାଗିଥିବା ନାମଫଳରେ ମଧ୍ୟ ଓଡ଼ିଆ ଭାଷାର ବ୍ୟବହାର କରାଯାଇ ନାହିଁ। ସେହିପରି ବିଜିପୁର ସ୍ଥିତ ଏକ ଘରୋଇ ନର୍ସିଂ ସ୍କୁଲରେ ମଧ୍ୟ ଦେଖିବାକୁ ମିଳିଛି ସମାନ ଦୃଶ୍ୟ। କେବଳ ଏହା ନୁହେଁ ବ୍ରହ୍ମପୁର ସହର ସମେତ ଜିଲ୍ଲାର ଅନେକପ୍ରମୁଖ ସହରରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଗୁଡ଼ିକ ଓଡ଼ିଆ ଭାଷାକୁ ନାମଫଳକରେ ବ୍ୟବହାର କରୁନଥିବା ଅଭିଯୋଗ ରହିଛି। ଯେଉଁ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଗୁଡ଼ିକରେ ଓଡ଼ିଆ ନାମଫଳକ ବ୍ୟବହାର ହେଉନାହିଁ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଆବଶ୍ୟକ ସ୍ଥଳେ ମକଦ୍ଦମା ରୁଜୁ କରାଯାଉଥିବା କହିଛନ୍ତି ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ତ୍ରିପାଠୀ। ବିଭାଗ ପକ୍ଷରୁ ଗତବର୍ଷ ଜିଲ୍ଲାରେ ମୋଟ ୧୪୮ଟି ବ୍ୟବସାୟୀ ପ୍ରତିଷ୍ଠାନକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଥିସହିତ ବ୍ରହ୍ମପୁରରେ ୩୪ଟି ବ୍ୟବସାୟୀ ପ୍ରତିଷ୍ଠାନ ନାମରେ ଜିଲ୍ଲା ଶ୍ରମବିଭାଗ ପକ୍ଷରୁ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ ୧୯୫୬ ଅନୁସାରେ କୋର୍ଟରେ ମକଦ୍ଦମା ରୁଜୁ କରାଯାଇଛି। ସେହିପରି ଚଳିତ ବର୍ଷ ଫେବୃୟାରୀ ୨୦ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ ୧୨ଜଣ ବ୍ୟବସାୟିକ ପ୍ରତିଷ୍ଠାନକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଉକ୍ତ ପ୍ରତିଷ୍ଠାନ ଗୁଡ଼ିକ ଓଡ଼ିଆ ନାମଫଳକ ବ୍ୟବହାର କରିନଥିବାରୁ ଶ୍ରମବିଭାଗ ପକ୍ଷରୁ ଏହି ନୋଟିସ ଜାରି କରାଯାଇଥିବା ଜିଲ୍ଲା ଶ୍ରମ ଅଧିକାରୀ କହିଛନ୍ତି। ଆଗାମୀ ଦିନରେ ଏହି ନିୟମକୁ କଡାକଡି କାର୍ଯ୍ୟକାରୀ କରିବା ସହ ଖିଲାପିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

- ଓଡ଼ିଆ ଭାଷାରେ ନାମଫଳକ ଲଗାଇନଥିବା ଅଭିଯୋଗ
- ଶ୍ରମ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ
- ୧୫୮ଟି ବ୍ୟବସାୟିକ ପ୍ରତିଷ୍ଠାନକୁ ନୋଟିସ୍, ୩୪ଟି ମାମଲା ରୁଜୁ
- ଖିଲାପିଙ୍କ ମଧ୍ୟରେ ଏକାଧିକ ସରକାରୀ ଅନୁଷ୍ଠାନ

# ମହିଳାଙ୍କୁ କାଠଫାଳିଆରେ ଆକ୍ରମଣ

**ବ୍ରହ୍ମପୁର,୨୦।୨ (ସମିସ):** ଜନୈକା ମହିଳାଙ୍କୁ ତାଙ୍କ ସ୍ୱାମୀ ବାରମ୍ବାର ନିର୍ଯାତନା ଦେବା ସହ ମରଣାନ୍ତକ ଆକ୍ରମଣ କରିଥିବା ଉକ୍ତ ମହିଳା ଜଣଙ୍କ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଆଙ୍କୁଶପୁରର ରଶ୍ମିତା ସାହୁ ୫ ବର୍ଷ ତଳେ ସେହି ଅଞ୍ଚଳର କାଳିଆ ସାହୁଙ୍କୁ ବିବାହ କରିଥିଲେ। ତାଙ୍କର ୪ ବର୍ଷର ସନ୍ତାନଟିଏ ଅଛି। କାଳିଆ ଅନେକ ସମୟରେ ମଦ୍ୟପାନ କରି ରଶ୍ମିତାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରୁଥିଲେ। ଗତକାଲି କାଳିଆ ଘରକୁ ଆସି ସାମାନ୍ୟ କଥାକୁ କେନ୍ଦ୍ର କରି ରଶ୍ମିତାଙ୍କୁ ଗାଳିଗୁଲଜ ସହ କାଠ ଫାଳିଆରେ ମୁଣ୍ଡକୁ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ। ପରେ କାଳିଆ ରଶ୍ମିତାଙ୍କୁ ଘରୁ ବାହାର କରି ଦେଇଥିଲେ । ବାଧ୍ୟହୋଇ ରଶ୍ମିତା ଥାନାରେ ଅଭିଯୋଗ କରିଥିଲେ ।

### ୩୭ତମ ପୂର୍ବାଞ୍ଚଳ ଯୁବ ମହୋତ୍ସବ 'ଉମଙ୍ଗ-୨୦୨୪' ଉଦଯାପିତ

# ବିକାଶରେ ଅଂଶୀଦାର ହେବାକୁ ପରାମର୍ଶ ଦେଲେ ଅତିଥି

**ବ୍ରହ୍ମପୁର, ୨୦।୨(ସମିସ)**



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ ୩୭ତମ ପୂର୍ବାଞ୍ଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ 'ଉମଙ୍ଗ ୨୦୨୪' ଉଦଯାପିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଛତିଶଗଡ଼ର ହେମ୍‌ଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅରୁଣା ପଲ୍ଟା ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଏଆଇୟୁ ଦ୍ୱାରା ନିୟୋଜିତ ଦୁଇଜଣ ବିଶିଷ୍ଟ ଅତିଥି ତଥା ପର୍ଯ୍ୟବେକ୍ଷକ ପ୍ରଫେସର ସୋରୋଭ ଲଖନପାଲ୍ ଓ ଯାନ୍ତ୍ରିକ ପର୍ଯ୍ୟବେକ୍ଷକ ପ୍ରଫେସର ଦୀପକ ମିଶ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳସଚିବ ସଚ୍ଚିଦାନନ୍ଦ ନାୟକ ଓ ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ବରାଳ, ସଞ୍ଜୋଯକ ପ୍ରଫେସର ଗଣେଶ ସେଠୀ ଓ ସାଙ୍ଗଠନିକ ଅଧିକାରୀ ଡ଼ ସରିତା ଦାସ ମଞ୍ଚାସୀନ ଥିଲେ। ଏ ଅବସରରେ ଉତ୍ସବରେ ଅଂଶଗ୍ରହଣ କରିଥିବା ବିଶ୍ୱବିଦ୍ୟାଳୟ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବିକଶିତ ଭାରତରେ ବିଦ୍ୟାର୍ଥୀମାନେ କିଭଳି ଅଂଶୀଦାର ହେବେ ସେନେଇ ଏଠାରେ ମାର୍ଗଦର୍ଶନ ଦିଆଯାଇଥିଲା। ପରିଶେଷରେ ପୂର୍ବରୁ ହୋଇଥିବା ମୋଟ୍ ୨୮ଗୋଟି ବିଭାଗରେ ଆୟୋଜିତ ସମସ୍ତ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ବିଭାଗରେ ଚମ୍ପିୟାନ ହୋଇଥିବା ବିଶ୍ୱବିଦ୍ୟାଳୟକୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ଦିନ ସାଂସ୍କୃତିକ ଶୋଭାଯାତ୍ରାରେ "ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ, ରାଞ୍ଚି ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ ଅଫ କଲ୍‌ଚଲ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ଅନୁରୂପ ଭାବେ ଯୁବ ମହୋତ୍ସବର ଚମ୍ପିୟାନ ହୋଇଥିବା ପାଞ୍ଚଟି ବିଶ୍ୱବିଦ୍ୟାଳୟକୁ ମଧ୍ୟ ପର୍ଯ୍ୟାୟଭିତ୍ତିକ ପୁରସ୍କାର ପ୍ରଦାନ କରଯାଇଥିଲା। ଶେଷରେ ଯୁବ ମହୋତ୍ସବ ଉମଙ୍ଗର ସହ ସଞ୍ଜୋଯକ ଡ଼ ଜୟନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ତରଫରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପାଞ୍ଚ ଦିନ ବ୍ୟାପି ଏହି ମହୋତ୍ସବ ଜାରି ରହିଥିଲା। ଏଥିରେ ଭାରତର ପୂର୍ବାଞ୍ଚଳର ଚାରୋଟି ରାଜ୍ୟ ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମ ବଙ୍ଗର ୧୬ଟି ବିଶ୍ୱବିଦ୍ୟାଳୟରୁ ୬୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ଟିମ୍ ମ୍ୟାନେଜର, ଅଧ୍ୟାପକ ମାନେ ଭାଗ ନେଇଥିଲେ।

## ବିଜେପିର ସମ୍ପର୍କ ଅଭିଯାନ

**କବିସୂର୍ଯ୍ୟନଗର, ୨୦।୨(ସମିସ):** କବିସୂର୍ଯ୍ୟନଗର ସ୍ୱପ୍ନେଶ୍ୱର ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ରାଜ୍ୟ ମହିଳା କୃଷକ କାର୍ଯ୍ୟକାରିଣୀ ସଦସ୍ୟା ମାହେଶ୍ୱରୀ ଦୋରାଙ୍କ ପୌରୋହିତ୍ୟରେ ବିଜେପି ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବିଧାନସଭା ପ୍ରଭାରୀ ଜୟନ୍ତୀ ପଢ଼ିଆରୀଙ୍କ ସଂଯୋଜନାରେ ରାଜ୍ୟ କୃଷକ ମୋର୍ଚ୍ଚା ବିଜେପି ସଂଯୋଜକ ଶ୍ୱେତ ଦୋରା, ରାଜ୍ୟ କାର୍ଯ୍ୟକାରିଣୀ ବିଜେପି ସଦସ୍ୟ ଅରୁଣ ପଣ୍ଡା, ଘୁମୁସର ଜିଲ୍ଲା ବିଜେପି କୋଷାଧ୍ୟକ୍ଷ ପୀତବାସ ପଣ୍ଡା, ଆସିକା ଲୋକସଭା ପ୍ରାକ୍ତନ ପ୍ରାର୍ଥୀନୀ ଅନିତା ଶୁଭ ପ୍ରିୟଦର୍ଶିନୀ, କବିସୂର୍ଯ୍ୟନଗର ଯୁବ ମୋର୍ଚ୍ଚା ସଭାପତି ତପନ ନାହାକ, ମହିଳା ମୋର୍ଚ୍ଚା ଘୁମୁସର ସାଂଗଠନିକ ଜିଲ୍ଲା ସଭାନେତ୍ରୀ ମୀରାବାଇ ଦେଓଙ୍କ ସମେତ ବୁଢ଼ାମ୍ବ ମଣ୍ଡଳ ସଭାନେତ୍ରୀ ଗୀତାରାଣୀ ପାଢ଼ୀ, ପାଣ୍ଡିଆ ମଣ୍ଡଳ ସଭାନେତ୍ରୀ ଶର୍ମିଷ୍ଠା ବେହେରା, ମଠସରସିଂ ମଣ୍ଡଳ ସଭାନେତ୍ରୀ ସଙ୍ଗୀତାରାଣୀ କର, କବିସୂର୍ଯ୍ୟନଗର ମଣ୍ଡଳ ସଭାନେତ୍ରୀ ତଥା କବିସୂର୍ଯ୍ୟନଗର ଏନଏସି ପ୍ରାକ୍ତନ ଅଧ୍ୟକ୍ଷ ପ୍ରାର୍ଥୀନୀ କଳ୍ପନା ମାଝୀ ପ୍ରମୁଖ ୮ଟି ମଣ୍ଡଳ ସଭାନେତ୍ରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିଗଣ ମୋଦିଙ୍କ ଜନକଲ୍ୟାଣ ବିଭିନ୍ନ ଯୋଜନା ଉପସ୍ଥିତ ଜନତାଙ୍କୁ ସଚେତନ କରାଇଥିଲେ।

## ସାହାଯ୍ୟର ହାତ ବଢ଼ାଇଲେ ସାଂସଦ ପ୍ରତିନିଧି

**ବାଲିଗୁଡ଼ା,୨୦।୨(ସମିସ):** ଗରିବ ଲୋକଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି ବାଲିଗୁଡା ବ୍ଲକ ସାଂସଦ ପ୍ରତିନିଧି ଟୁନା ଦାସ। ବାଲିଗୁଡା ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବେଲଘର ମସାଣି ସାହିର ରେବତୀ ନାୟକଙ୍କ ପରଲୋକ ହୋଇଥିଲା। ମୃତଦେହକୁ ପରିବାର ଲୋକେ ନିଜ ଗ୍ରାମକୁ ନେବା ପାଇଁ ସକ୍ଷମ ନ ଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଶ୍ରୀ ଦାସ ନିଜ ବ୍ୟବସ୍ଥାରେ ଆମ୍ବୁଲାନ୍ସରେ ମୃତଦେହକୁ ବେଲଘରକୁ ପଠାଇଥିଲେ। ଏଭଳି ସମୟରେ ସାହାଯ୍ୟ ପାଇଥିବାରୁ ପରିବାର ଲୋକେ ଶ୍ରୀ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସାମ୍ବାଦିକଙ୍କ ପିତୃ ବିୟୋଗ

**ଦାରିଙ୍ଗବାଡ଼ି,୨୦।୨(ସମିସ):** ସାମ୍ବାଦିକ ବରୁଣ କୁମାର ସିଂଙ୍କ ପିତା ଗୋବିନ୍ଦ ଚନ୍ଦ୍ର ସିଂ(୮୨)ଙ୍କର ରବିବାର ବିଳମ୍ବିତ ରାତିରେ ବ୍ରହ୍ମପୁର ଏମକେସିଜି ହସ୍ପିଟାଲରେ ପରଲୋକ ଘଟିଛି। ସୋମବାର ସକାଳୁ ତାଙ୍କ ମରଶରୀରକୁ ଦାସିଙ୍ଗବାଡ଼ି ନିଜ ବାସଭବନକୁ ଅଣାଯିବା ପରେ ତାଙ୍କ ଶେଷ ଦର୍ଶନ ପାଇଁ ବନ୍ଧୁବର୍ଗ ଓ ଆଖ ପାଖର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଘରକୁ ପହଞ୍ଚିଥିଲେ। ଏହି ଦୁଃଖଦ ଖବର ପାଇବା ପରେ ପରିବାର ତଥା ଆତ୍ମୀୟ ସ୍ୱଜନ ସହିତ ଅଞ୍ଚଳରେ ଶୋକର ଲହରୀ ଖେଳିଯାଇଛି। ନିଜ ଗାଁ ଦାସିଙ୍ଗବାଡ଼ି ସମାଧି ସ୍ଥଳରେ ସମାଧିସ୍ଥ କରାଯାଇଥିଲା ବେଳେ ତାଙ୍କ ପାଖରେ ତାଙ୍କ ପୁଅ, ବୋହୂ ଭାଇ, ଭଉଣୀ, ନାତିନାତୁଣୀ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

## ମା’ ରୁଦ୍ରକାଳୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସଯାତ୍ରା

**ଚକାପାଦ,୨୦।୨(ସମିସ):** କନ୍ଧମାଳ ଜିଲ୍ଲାର ବ୍ରାହ୍ମଣପାଦ ପଞ୍ଚାୟତର ବ୍ରାହ୍ମଣପାଦ ମା କାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ନିମନ୍ତେ ରବିବାର କଳସ ଯାତ୍ରା ହୋଇଥିଲା। ଚକାପାଦ ପଞ୍ଚାୟତ ଯୋଗେଶ୍ୱର ମନ୍ଦିର ନିକଟରେ ଥିବା ନଦୀରୁ କଳସରେ ଜଳ ଉଠାଇ ବହୁ ସଂଖ୍ୟାରେ ଭକ୍ତ ଚକାପାଦରୁ ବ୍ରାହ୍ମଣପାଦ ଦୀର୍ଘ ପାଞ୍ଚ କିଲୋମିଟର ବ୍ୟାପି କଳସ ଧାରଣ କରି ଆଣି ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ଘଣ୍ଟ, ଢୋଲ ବାଦ୍ୟ ସହ ଘୋଡ଼ା ନାଚ ସହିତ କଳସ ଯାତ୍ରା ହୋଇଥିଲା। ପ୍ରତିଷ୍ଠା ଉତ୍ସବ ଚାରିଦିନ ଧରି ଚାଲିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଅନ୍ନଯଜ୍ଞ, ଘୃତ ଯଜ୍ଞ, ଜ୍ଞାନ ଯଜ୍ଞ, ନାମ ଯଜ୍ଞ ପରି ସମସ୍ତ କାର୍ଯ୍ୟକ୍ରମ ସହ ଚବିଶି ପ୍ରହର ନାମ ଯଜ୍ଞ ହେବ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ବ୍ରହ୍ମପୁର, ୨୦।୨(ସମିସ):** ସ୍ଥାନୀୟ ଗାନ୍ଧି ନଗର ଷଷ୍ଠ ଲାଇନରେ ଗତ ୫ଦିନ ଧରି ଚାଲିଥିବା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମାପନ ହୋଇଯାଇଛି। ଶେଷ ଦିବସରେ ଷଡ଼ାଙ୍ଗ କର୍ମ, ସୂର୍ଯ୍ୟପୂଜା, ଗୋପୂଜା, ଶାଳାଙ୍କ ଦେବତାପୂଜା, ଦେବତା, ଯୁପ, ଶିଳା, ପାର୍ଶ୍ୱଦେବତା, ଚକ୍ର ଓ ଧ୍ୱଜ, ନଗର ଭ୍ରମଣ ପୂର୍ବକ ଅମୃତ ବେଳାରେ ସିଂହାସନ ଆରୋହନ ଓ ପୂର୍ଣ୍ଣାହୁତି ହୋଇଥିଲା। ସେହିଭଳି ଅନ୍ନଯଜ୍ଞ, ନାମ ଯଜ୍ଞ, ଘୃତ ଯଜ୍ଞ, ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜା, ଆଳତୀ ଓ ପୁଷ୍ପାଞ୍ଜଳି ମୁଖ୍ୟ ପଣ୍ଡିତ ବୃନ୍ଦାବନ ଶତପଥୀଙ୍କ ତତ୍ତ୍ୱାବଧନାରେ ଆୟୋଜିତ ହୋଇଥିଲା।

## ■ ସରୋଜିନୀ ପଟ୍ଟନାୟକ ହତ୍ୟା ଘଟଣାରେ ୩ ଅଟକ

# ଅଭିଯୁକ୍ତଙ୍କୁ ଚିହ୍ନିଦେବାରୁ ଶ୍ୱାସରୁଦ୍ଧ କରି ମାରିଥିଲେ

**ପାରଳାଖେମୁଣ୍ଡି,୨୦।୨(ସମିସ):** ପାରଳାଖେମୁଣ୍ଡିର ବହୁଚର୍ଚ୍ଚିତ ସରୋଜିନୀ ପଟ୍ଟନାୟକ(୭୦) ହତ୍ୟା ଘଟଣାରେ ପୁଲିସକୁ ସଫଳତା ମିଳିଛି। ମାସେ ପରେ ପୁଲିସ ଏହି ହତ୍ୟାକାଣ୍ଡ ଉପରୁ ପରଦା ଉଠାଇବା ସହ ସଂପୃକ୍ତ ସମସ୍ତ ୩ ଜଣଙ୍କୁ ଧରିଛି। ସେମାନଙ୍କ ମଧ୍ୟରେ ଦୁଇଜଣ ସ୍ଥାନୀୟ ଯୁବକ ହୋଇଥିବା ବେଳେ ଅନ୍ୟ ଜଣେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ବୋଲି ଜଣାପଡ଼ିଛି।

ଗତ ଜାନୁଆରୀ ୨୦ ତାରିଖରେ ପାରଳାଖେମୁଣ୍ଡି ସହରର କରଣ ସାହିରେ ଏକାକୀ ରହୁଥିବା ସରୋଜିନୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିଲା। ତଦନ୍ତକୁ ବାଟବଣା କରିବା ତଥା ସନ୍ଧାନୀ ପୁଲିସ କୁକୁରକୁ ଚକମା ଦେବା ପାଇଁ ଅଭିଯୁକ୍ତମାନେ ସରୋଜିନୀଙ୍କ ଘରେ ଦାଣ୍ଡରୁ ବାଡି ପର୍ଯ୍ୟନ୍ତ ଲଙ୍କାଗୁଣ୍ଡ ବିଛେଇ ଦେଇଥିଲେ। ହତ୍ୟାକାଣ୍ଡ ମାମଲାର ତଦନ୍ତ ବେଳେ ଅଭିଯୁକ୍ତମାନେ ଲୁଟ କରିବା ଉଦ୍ଦେଶ୍ୟରେ ଆସିଥିଲେ ଏବଂ ସରୋଜିନୀ ଅଭିଯୁକ୍ତଙ୍କୁ ଚିହ୍ନି ଦେଇଥିବା କାରଣରୁ ଗିରଫ ହେବା ଭୟରେ ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ପୁଲିସ ଜାଣିବାକୁ ପାଇଥିଲା। ତଦନ୍ତ ବେଳେ ଘରୁ ନଗଦ କିଛି




ଟଙ୍କା ସହିତ କିଛି ଅଳଙ୍କାର ଉଦ୍ଧାର ହୋଇଥିଲା। ତେବେ ସରୋଜନୀଙ୍କ ଠାରୁ କିଛି ଅଳଙ୍କାର ଅଭିଯୁକ୍ତମାନେ ନେଇ ଚାଲିଯାଇଥିଲେ। ବିଭିନ୍ନ ଦିଗକୁ ନେଇ ଘଟଣାର ତଦନ୍ତ କରୁଥିବା ବେଳେ ଏହାର ପ୍ରକୃତ ରହସ୍ୟ ଉନ୍ମୋଚନ କରିବା ପୁଲିସ

- **ଆନ୍ଧ୍ର ଅପରାଧୀଙ୍କର ବି ରହିଛି ସମ୍ପୃକ୍ତି**
- **ଅଟକ ଦୁଇ ସ୍ଥାନୀୟ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ଡିପ୍ଲୋମା ଛାତ୍ର**

ପାଇଁ ବଡ ଚାଲେଞ୍ଜ ଥିଲା। ତେବେ ଘଟଣାର ଠିକ୍ ମାସକ ପରେ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ୩ ଜଣଙ୍କୁ ପୁଲିସ ଚିହ୍ନଟ କରି କାବୁ କରିଥିବା ଜଣାପଡ଼ିଛି। ପୁଲିସ କବଜାରେ ଥିବା ୩ଜଣ ଅଭିଯୁକ୍ତଙ୍କ ମଧ୍ୟରେ ଦୁଇଜଣ ସ୍ଥାନୀୟ କରଣ ସାହିର ଏବଂ ମୃତ ସରୋଜିନୀ ପଟ୍ଟନାୟକଙ୍କ ଘର ଆଖପାଖର ବୋଲି ଜଣାପଡ଼ିଛି। ଘଟଣା ପରେ ଜଣେ ଫେରାର ହୋଇଯାଇଥିବା ବେଳେ ଅନ୍ୟଜଣେ ସହର ଛାଡି ନଥିଲେ। ସେହିଭଳି ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ଶ୍ରମିକ ଶ୍ରେଣୀର ଏବଂ ତାଙ୍କର ଘର ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଏବଂ ସେ ବିଭିନ୍ନ ସମୟରେ ପାରଳାଖେମୁଣ୍ଡି ନିକଟସ୍ଥ କାଶୀନଗରରେ ରହୁଥିବା ଜଣାପଡ଼ିଛି। ଅଟକ ସମସ୍ତ ୩ଜଣ ଅଭିଯୁକ୍ତଙ୍କୁ ପଚରା ଉଚରା ଚାଲିଥିବା ବେଳେ ମୃତ ସରୋଜନୀଙ୍କ ଠାରୁ ଲୁଟି ନେଇଥିବା ନଗଦ ଟଙ୍କା ଓ ଅଳଙ୍କାର ଉଦ୍ଧାର କରିବାକୁ ପୁଲିସ ପକ୍ଷରୁ ଉଦ୍ୟମ ଚାଲିଥିବା ଜଣାପଡ଼ିଛି। ଖୁବଶୀଘ୍ର ପୁଲିସ ଏନେଇ ସାମ୍ବାଦିକ ସମ୍ମିଳନୀରେ ଖୁଲାସା କରିବ ବୋଲି ଜଣାପଡ଼ିଛି।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**ତୁମୁଡ଼ିବନ୍ଧ, ୨୦।୨(ସମିସ):** କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ପଞ୍ଚାୟତସ୍ତରୀୟ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡିଗଡ଼ ପଞ୍ଚାୟତରୁ ଆରମ୍ଭ ହେଇ ସଚେତନତା କାର୍ଯ୍ୟକ୍ରମ ସୋମବାର ତୁମୁଡିବନ୍ଧ ପଞ୍ଚାୟତରେ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତୁମୁଡିବନ୍ଧ ବ୍ଲକ ଅଧକ୍ଷା ବାସନ୍ତୀ ମାଝି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନବୀନ ପାତ୍ର, ତୁମୁଡିବନ୍ଧ ସମିତିସଭ୍ୟା ସୁଭଦ୍ରା ବେହେରଦଳେଇ, ତୁମୁଡିବନ୍ଧ ପଞ୍ଚାୟତ ବିଜେଡି ସଭାପତି ଜିସାୟ ମଣ୍ଡଳ, କନ୍ଧମାଳ ଜିଲ୍ଲା ଯୁବ ଜନତା ଦଳ ଯୁଗ୍ମ ସମ୍ପାଦକ ବେଲାରସେନ ପରାସେଟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଘ୍ନେଶ୍ୱର ଦିଗାଲ ଓ ସମସ୍ତ ୱାର୍ଡର ୱାର୍ଡମେମ୍ବର ଉପସ୍ଥିତ ଥିଲେ। ତୁମୁଡିବନ୍ଧ ବ୍ଲକ ପ୍ରକଳ୍ପ ଅଧିକାରୀ ବାଦଲ ପ୍ରଧାନ ସଭାର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଓ ଜନମଙ୍ଗଳ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା।

## ଆମ ପୁଲିସ ସମିତି ବୈଠକ

**ଜି.ଉଦୟଗିରି, ୨୦।୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଥାନାରେ ନୂତନ ଥାନା ଭାରପ୍ରାପ୍ତ ଅଧିକାରୀ ଭଗବାନ ପୂଜାରୀଙ୍କ ଅଧ୍ୟକ୍ଷତାରେ ସୋମବାର ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜି.ଉଦୟଗିରି ଅଞ୍ଚଳରେ ଟ୍ରାଫିକସମସ୍ୟା, ଚୋରି ରାହାଜାନି, ନିଶା ଦ୍ରବ୍ୟ ବେପାରୀଙ୍କ ଉପରେ ଲଗାମ, ଅତ୍ୟଧିକ ବେଗରେ ବାଇକ ଚଳାଉଥିବା ନାବାଳକଙ୍କ ଉପରେ ଲଗାମ ଭଳି ବିଭିନ୍ନ ସମସ୍ୟା ଉପରେ ବିଶେଷ ଆଲୋଚନା ହୋଇଥିଲା। ବେପରୁଆ ଗାଡି ଚାଳନାରେ ଲୋକେ ଭୟଭୀତ ଥିବାବେଳେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ




ଦାବି କରାଯାଇଛି। ବୈଠକରେ ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ମିଶନ ଶକ୍ତି ଜିଲ୍ଲା ସଭାନେତ୍ରୀ କୁମୁଦିନୀ ଦିଗାଲ, ପ୍ରେସ କ୍ଲବ ସଭାପତି ଅରୁଣ କୁମାର ଷଡଙ୍ଗୀ, ସମ୍ପାଦକ ଅନୀଲ କୁମାର ଦଳ ବେହେରା, ଘରୋଇ ମୋଟର କର୍ମଚାରୀ ସଂଘ, ଅଟୋ ମାଲିକ ସଂଘ କର୍ମକର୍ତ୍ତା, ଏନଏସି କାଉନସିଲର, ସରପଞ୍ଚ, ସମିତିସଭ୍ୟ, ସମାଜସେବୀ ଯୋଗ ଦେଇଥିଲେ। ଏସ.ଆଇ ଅନନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ଗଞ୍ଜାମ,୨୦।୨(ସମିସ):** ଗଞ୍ଜାମ ବ୍ଲକ କନଫରେନ୍ସ ହଲରେ ମଙ୍ଗଳବାର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନରେଗା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଯୋଜନା ୨୦୨୩ କାର୍ଯ୍ୟକ୍ରମର ସାମାଜିକ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଶିବିରରେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ବିଡିଓ ବସନ୍ତ କୁମାର ମଲିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରବୀନ୍ଦ୍ର ନାଥ ମଲାଣ, ସହକାରୀ ଯନ୍ତ୍ରୀ ସୁଶୀଲ କୁମାର ପଣ୍ଡା,




ଏପିଡି ଟେକ୍ନିକାଲ ମୁଖ୍ୟ ୧ନୀଳକଣ୍ଠ ସୁନ୍ଦରାୟ ପ୍ରମୁଖ ମଞ୍ଚାସିନ ଥିଲେ। ଜିପିଓ ଶ୍ରୀକାନ୍ତ କୁମାର ଗୌଡ଼ ୨୦୨୩/୨୪ ଆର୍ଥିକ ବର୍ଷ ବିବରଣୀ ପାଠ କରିଥିଲେ। ବିଡିଓ ବସନ୍ତ କୁମାର ମଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଞ୍ଚାୟତ ଗୁଡିକରେ ବିଭିନ୍ନ ପ୍ରକଳ୍ପ ତଥା ଖେଳ ପଡ଼ିଆ, ପାନୀୟ ଜଳ, ବୃକ୍ଷରୋପଣ, ମୃତ୍ତିକା ସଂରକ୍ଷଣ, ଆଦି ବିଭିନ୍ନ ଉର୍ଣ୍ଣୟନ ମୂଳକ କାର୍ଯ୍ୟର ବ୍ୟୟ ବରାଦ ଓ ଖାଦ୍ୟ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଶୁଣାଣିକୁ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଲୋକନାଥ ରେଡ଼ି, ଆସିଷ୍ଟାଣ୍ଟ ମାମି ସାହୁ, ପୁଷ୍ପାଞ୍ଜଳି ପଣ୍ଡା, ଏପିଓ ବ୍ରଜ କିଶୋର ବେହେରା, ନରେଗା ଡିଓ ଶିବାନୀ ସେଠୀ ପ୍ରମୁଖ ପରିଚାଳନା କରିଥିବାବେଳେ ନିର୍ବାହୀ ଯନ୍ତ୍ରୀ ଦିଗାମ୍ବର ନାୟକ, ସରପଞ୍ଚ ବନ୍ଦନା ରେଡ଼ିଙ୍କ ସମେତ ଅନ୍ୟାନ୍ୟ ସରପଞ୍ଚ ସମିତି ମେମ୍ବର ତଥା ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚାଷ ଜମିରୁ ଜଳ ନିଷ୍କାସନ ଦାବି

**ଭଞ୍ଜନଗର, ୨୦।୨(ସମିସ):** ଭଞ୍ଜନଗର ବ୍ଲକ ବାଉଁଶଲୁଣି ପଞ୍ଚାୟତର ବାଇପାସ୍ ରାସ୍ତାକଡ଼ରେ ଥିବା ବହୁ ମୂଲ୍ୟବାନ ଚାଷ ଜମି ଜଳମଗ୍ନ ହୋଇ ରହୁଥିବାରୁ କୃଷିକାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ଉକ୍ତ ଜମିରୁ କେନାଲ୍ ପାଣି ନିଷ୍କାସନ ହୋଇ ନପାରି ବୁଡ଼ି ରହିବା ଫଳରେ ପୋଖରୀ ଭଳି ଦୃଶ୍ୟମାନ ହେଉଛି। ଏକର ଏକର ଚାଷଜମି ଆଜି ଅଲୋଡ଼ା ହୋଇ ରହିଛି। ଚାଷୀମାନେ ଏହାର ସମାଧାନ ପାଇଁ ପ୍ରଶାସନକୁ ବାରମ୍ବାର ଦାବି କରୁଥିଲେ ମଧ କେହି ଶୁଣୁ ନାହାନ୍ତି। ଏନେଇ ଚାଷୀ ଓ ଜମି ମାଲିକମାନେ ରାସ୍ତା ଅବରୋଧ କରିବାକୁ ଚେତାବନୀ ଦେଇଥିଲେ। ତଥାପି ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି ଓ ସୋମବାର ମିଳିତ ଜନ ଶୁଣାଣି ଶିବିରରେ ପୁଣିଥରେ ଚାଷୀମାନେ ଏକାଠି ହୋଇ ଦାବିପତ୍ର ପ୍ରଦାନ କରି ତୁରନ୍ତ ସେହି ଜମିରୁ ପାଣି ନିଷ୍କାସନ କରା ନଗଲେ



ବିକଳ୍ପ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଅବସରରେ ନଚିକେତା ପ୍ରଧାନ, ଦୀନବନ୍ଧୁ ଦଳେଇ, ଲକ୍ଷ୍ମୀ ନାରାୟଣ ରାଉତ, ସୂର୍ଯ୍ୟନାରାୟଣ ପ୍ରଧାନ, ଆଲୋକ ପ୍ରଧାନ, ଧୋବା ପ୍ରଧାନ ଓ ବିଶ୍ୱନାଥ ପ୍ରଧାନ ଉପସ୍ଥିତ ଥିଲେ।

## ଏକଜିମା ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର, ୨୦।୨(ସମିସ):** ସ୍ଥାନୀୟ ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନରେ ଏକଜିମା(ବିସର୍ପ) ରୋଗ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ ଓ ଡା.ପ୍ରମିଳା ସାହୁ ଯୋଗଦେଇ ଏକଜିମା ରୋଗ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଧିକ ଲବଣ, ଅମ୍ଳ, ଆମିଷ, ବାସି ଖାଦ୍ୟ, ମିଠା ଖାଇଲେ ଓ ଆଘାତ ଲାଗି ସଂକ୍ରମିତ ହେଲେ ବିସର୍ପ ରୋଗ ହୁଏ ବୋଲି ଏଠାରେ ସଚେତନ କରିଥିଲେ। ଅଧିକ ଦିନ ନିମ୍ବ ପଞ୍ଚାଙ୍ଗ ସିଝାଇ କିମ୍ବା ଚୂର୍ଣ୍ଣ ଖାଇଲେ ଓ ହଳଦୀ, କାସମର୍ଦ୍ଦ ପତ୍ର, ନିମ୍ବ ପତ୍ର ବାଟି ଲଗାଇଲେ ଏହି ରୋଗରୁ ମୁକ୍ତି ମିଳେ ବୋଲି କହିଥିଲେ। ଏ ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ। ପ୍ରତିଷ୍ଠାନର ଡି. ଶ୍ରୀନିବାସ ଶିବିରର ପରିଚାଳନାରେ ସହଯୋଗ କରିଥିଲେ।



## ଦୋଳ ଉତ୍ସବକୁ ନେଇ ପ୍ରସ୍ତୁତି ବୈଠକ

**ପାରଳାଖେମୁଣ୍ଡି,୨୦।୨(ସମିସ):** ପାରଳାଖେମୁଣ୍ଡିରେ ହେବାକୁ ଥିବା ପ୍ରସିଦ୍ଧ ଦୋଳ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଦୋଳ ବନ୍ଧ ଓ ଦୋଳ ଉତ୍ସବ କମିଟି ତରଫରୁ ଦୋଳ ବନ୍ଧ ନିକଟସ୍ଥ ହନୁମାନ ମନ୍ଦିର ପରିସରରେ କମିଟିର ସଭାପତି ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷର ଦୋଳ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ହୋଇଥିଲା। କମିଟିର କୋଷାଧ୍ୟକ୍ଷ ମଙ୍ଗଳା ପଟ୍ଟନାୟକ ଗତ ବର୍ଷ ଯାତ୍ରାର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ମାର୍ଚ୍ଚ ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ୬ ଦିନ ବ୍ୟାପୀ ଉତ୍ସବ ପାଳନ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ପୂର୍ବ ବର୍ଷ ମାନଙ୍କ ଭଳି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ




ହେବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ କମିଟିର ଦେବେନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ହୋତା, ପ୍ରାଣ ତରାଇ, ଅରମିତ ଜେନା, ଶରତ ପାଣିଗ୍ରାହୀ, କୁନା ମହାପାତ୍ର, କୁମୁଦ ମହାପାତ୍ର, ରବୀନ୍ଦ୍ର ହୋତା ଓ ରବିନାରାୟମ ଚୌଧୁରୀ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶାନ୍ତି ଶୃଙ୍ଖଳା ସହିତ ଯାତ୍ରା ଆୟୋଜନ କରିବା ପାଇଁ ଜିଲ୍ଲା ପ୍ରଶାସନ, ପୁଲିସ ଓ ଜନସାଧାରଣଙ୍କ ସହଯୋଗ କାମନା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ଜଙ୍ଗଲ ନିଆଁ ରୋକିବା ପାଇଁ ପଥପ୍ରାନ୍ତ ନାଟକ

**ବାଲିଗୁଡ଼ା,୨୦।୨(ସମିସ):** କିଭଳି ଜଙ୍ଗଲରେ ନିଆଁକୁ ରୋକି ହେବ ସେଥିପାଇଁ ଏବେଠାରୁ ବନ ବିଭାଗ ପକ୍ଷରୁ ଚାଲିଛି ପ୍ରୟାସ। ବିଭିନ୍ନ ପଥପ୍ରାନ୍ତ ନାଟକ ମାଧ୍ୟମରେ ଚାଲିଛି ସଚେତନତା। ବାଲିଗୁଡ଼ା ଖମନଖୋଲରେ ବନାଗ୍ନି ନିରାକରଣ ପାଇଁ ପାରମ୍ପରିକ ନୃତ୍ୟ ପଥପ୍ରାନ୍ତ ନାଟକ ଆଞ୍ଚଳିକ କୁଇ ମାଲୁଆ ଓ ଭାଷା ମାଧ୍ୟମରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନାଗ୍ନୀ ରୋକିବାକୁ ଖରା ଦିନ ପୂର୍ବରୁ ସଜାଗ ହେଉଛି ବାଲିଗୁଡା ବନ ବିଭାଗ ବାଲିଗୁଡ଼ା। ଡିଏଫ୍‌ଓ ବିଶ୍ୱରାଜ୍ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଓ ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ ଲଣ୍ଡାଗାଁ ସେକ୍ସନ ଅନ୍ତର୍ଗତ ଖମନଖୋଲରେ ବନପାଳ



ଗିରୀଶ ଚନ୍ଦ୍ର ସାହୁ, ବନରକ୍ଷୀ ରଜନୀ କାନ୍ତ ବେହେରା, ଆଶିଷ କୁମାର ପ୍ରଧାନ, ପାରା ବନକର୍ମଚାରୀ ରାଜ କୁମାର ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖମନଖୋଲ ପଞ୍ଚାୟତ ହାଟପଦାରେ ଜନ ସଚେତନତା ସଭା ଅନୁଷ୍ଠିତ ହେବା ସହିତ ଜଙ୍ଗଲ ନିଆଁ ନିରାକରଣ ପୋଡୁଚାଷରୁ ନିବୃତ୍ତ, ବେଆଇନ ଶିକାର ଏବଂ ମହୁଲ ସଂଗ୍ରହ ସମୟରେ ଗଛତଳେ ନିଆଁ ନଲଗାଇ ସଠିକ ଉପାୟରେ ମହୁଲ ଫୁଲ ସଂଗ୍ରହ କରିବା ଭଳି ଦୃଶ୍ୟ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଚାନ୍ଦୁଲାଲ୍ ମଲ୍ଲିକ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ତଥା ଲଣ୍ଡା ଗାଁ ୱାର୍ଡ ସଭ୍ୟ ଅଭିରାମ ରଣା, ଖମନଖୋଲ ୱାର୍ଡ ସଭ୍ୟ ଗିରିଶ କୁମାର ସିଂ ଓ ଜିଆର୍‌ଏସ ରବୀନ୍ଦ୍ର ରଣା ମଞ୍ଚାସୀନ ଥିଲେ। ଜଙ୍ଗଲକୁ ନିଆଁରୁ ରକ୍ଷାକରି ଗ୍ରାମ୍ୟ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ସମୂହ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଫାୟାର ସ୍କ୍ୱାଡ୍ ସହଯୋଗ କରିଥିଲେ। ଯୁବ ନାଟ୍ୟକାର ତଥା ସାମ୍ବାଦିକ ପ୍ରମୋଦ କୁମାର ଦଣ୍ଡସେନାଙ୍କ ରଚିତ ନାଟକ କନ୍ଧମାଳ କଳା ବିକାଶ କେନ୍ଦ୍ରର କଳାକାରମାନେ ଗୀତ ନୃତ୍ୟ ଅଭିନୟ ମାଧ୍ୟମରେ ଜଙ୍ଗଲ ନିଆଁ ଉପରେ ସଚେତନତା ସୃଷ୍ଟି କରିଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ

**ଜି.ଉଦୟଗିରି, ୨୦।୨(ସମିସ) :** ଜି. ଉଦୟଗିରି ଗୋଲାସାହି ଛକରୁ ହବାକ ହାଇସ୍କୁଲ ଗେଟ ମଧ୍ୟରେ ବହୁ ଅନାବଶ୍ୟକ ବିଦ୍ୟୁତ ଖୁଣ୍ଟ ରହିଥିବା ବେଳେ ସେଥିମଧ୍ୟରୁ ଗୋଟିଏ ବିପଦସଂକୁଳ ଅବସ୍ଥାରେ ଗୋଟିଏ ପଟକୁ ଢଳି ରହିଛି। ଏହା ଏକ ପ୍ରମୁଖ ଜନଗହଳିପୂର୍ଣ୍ଣ ରାସ୍ତା। ମାଟ୍ରିକ ପରୀକ୍ଷା ପାଇଁ ହବାକ ହାଇସ୍କୁଲ ନୋଡାଲ ସେଣ୍ଟର ହୋଇଥିବା ବେଳେ ପରୀକ୍ଷା କେନ୍ଦ୍ର ମଧ୍ୟ ହୋଇଛି। ତେଣୁ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକ ଭିଡ ଜମିବ। ଏହି ରାସ୍ତା ଦେଇ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, ବାଳିକା ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ବ୍ଲକ ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟକୁ ଯିବା ଆସିବା କରିବା ପାଇଁ ଗହଳି ଲାଗି ରହିଥାଏ। ତେଣୁ ଏହିଭଳି ଜନଗହଳିପୂର୍ଣ୍ଣ ରାସ୍ତାରେ ବିପଦ ସଂକୁଳ ଅବସ୍ଥାରେ ବିଦ୍ୟୁତ ଖୁଣ୍ଟ ରହିଥିବା ବିଭିନ୍ନ ପକ୍ଷ ବିପଦ ମଣୁଛନ୍ତି। ଏହାକୁ ସ୍ଥାନାନ୍ତର କରିବା ପାଇଁ ଦାବି ହେଉଛି।



## ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ କାର୍ଯ୍ୟକ୍ରମ

# ୨୨୫ ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ଚେକ୍ ପ୍ରଦାନ

ପାରଳାଖେମୁଣ୍ଡି,୨୦।୨(ସମିସ)

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଗଜପତି ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ମରୀୟମ ରଇତ, ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ, ପାରଳାଖେମୁଣ୍ଡି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଫାଲଗୁନି ମାଝୀ ଓ ସିସିଡ଼ି ଏନଜିଓ ମୁଖ୍ୟ ଏ.ଜଗନ୍ନାଥ ରାଜୁ ଯୋଗ ଦେଇ ଉପସ୍ଥିତ ଥିବା ସମସ୍ତ ଆଦିବାସୀ ଯୁବ ଉଦ୍ୟୋଗୀଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ଉଦ୍ୟୋଗୀ ହେବାପାଇଁ କହିଥିଲେ । ଏହାସହ ଜିଲ୍ଲାପାଳ ଯୁବ ଉଦ୍ୟୋଗୀଙ୍କୁ ଚେକ୍ ପ୍ରଦାନ କରିଥିଲେ। ବ୍ୟବସାୟ କ୍ଷେତ୍ରରେ କିଭଳି ସଫଳତା ପାଇପାରିବା ସେ ନେଇ ଆସିଥିବା ଯୁବ ଉଦ୍ୟୋଗୀଙ୍କୁ ଜିଲ୍ଲାପାଳ ଉତ୍ସାହିତ କରିବା ସହିତ ମନୋବଳ ବଢ଼ାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ୨୨୫ ଜଣ ଜନଜାତି ଯୁବ ଉଦ୍ୟୋଗୀଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ଚେକ୍ ପ୍ରଦାନ କରାଯାଇଥିବା ବେଳେ ୧୪୩ ଗୋଟି ଜନଜାତି ଜୀବିକା ବିକାଶ ପରିଷଦକୁ ମାନ୍ୟତାପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆକର୍ଷଣ କରିବା ପାଇଁ ଲାଞ୍ଜିଆ ସୌରା ଓ ସୌରା ଜନଜାତି ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟର ପ୍ରକଳ୍ପ ପରିଚାଳକ ଶିବାଜୀ ପ୍ରଧାନ, କୃଷି ବିଶେଷଜ୍ଞ ସୀମାଦ୍ରୀ ଭଗବାନ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ପରିଚାଳକ ଆଲୋକ ସାହୁ ଉପସ୍ଥିତ ଥିବା ବେଳେ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ ।




# ନବଜାତର ମୃତ୍ୟୁକୁ ନେଇ ଉତ୍ତେଜନା

**କାଶୀନଗର,୨୦।୨(ସମିସ):** ଗଜପତି ଜିଲ୍ଲା କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନବଜାତ ଶିଶୁର ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସୋମବାର ସନ୍ଧ୍ୟାରେ ଶିଆଳି ପଞ୍ଚାୟତ ଗାରିଆଗୁଡ଼ା ଗ୍ରାମର ନିରିଡି ସିରିଶା ନାମକ ଜଣେ ଗର୍ଭବତୀ ମହିଳାଙ୍କୁ ୧୦୮ ଜନନୀ ଆମ୍ବୁଲାନ୍ସରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କର ଚିକିତ୍ସା କରାଯାଇଥିଲା। ହେଲେ ସେତେବେଳକୁ ନବଜାତ ଶିଶୁର ମୃତ୍ୟୁ ହୋଇଥିଲା। ନବଜାତ ଶିଶୁର ମୃତ୍ୟୁକୁ ନେଇ ଉକ୍ତ ଗ୍ରାମର ବହୁ ଲୋକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପାଟିତୁଣ୍ଡ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ମହିଳାଙ୍କ ପରିବାର ଲୋକଙ୍କୁ କାର୍ଯ୍ୟରତ ଷ୍ଟାଫନର୍ସ ଦୁର୍ବ୍ୟବହାର କରିଥିବା ଓ ଡାକ୍ତରଙ୍କ ଅବହେଳା ଯୋଗୁଁ ଶିଶୁର ମୃତ୍ୟୁ ହୋଇଥିବା ସେମାନେ ଅଭିଯୋଗ କରିଥିଲେ। ଖବର ପାଇ କାଶୀନଗର ଥାନା ଅଧିକାରୀ ଗୋବିନ୍ଦ ଗୌଡ଼, ସବଇନ୍ସପେକ୍ଟର ମମତା ପଣ୍ଡା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ମୃତ ଶିଶୁ ଓ ମାକୁ ନିଜ ଗ୍ରାମକୁ ନେଇଥିଲେ ପରିବାର ଓ ଗ୍ରାମବାସୀ। କାର୍ଯ୍ୟରତ ଡାକ୍ତର କହିଛନ୍ତି ଗର୍ଭବତୀ ମହିଳାଙ୍କ ଅବସ୍ଥା ଗୁରୁତର ଥିବାଯୋଗୁ ସେ ଚିକିତ୍ସା କରିଥିଲେ । ଗର୍ଭବତୀ ମାଙ୍କ ତୁରନ୍ତ ଚିକିତ୍ସା ଆବଶ୍ୟକ ଥିଲା। ତାହା କରାଯାଇ ନ ଥିଲେ ଉଭୟ ଶିଶୁ ଓ ମାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାଆନ୍ତା। କିଛି ଦିନ ପୂର୍ବେ କାଶୀନଗର ବହୁ ଗର୍ଭବତୀ ମହିଳା ଏହି ପ୍ରକାର ଅଭିଯୋଗ ଆଣିଥିଲେ। ପ୍ରତି ମାସରେ ଆୟୋଜନ ହେଉଥିବା ସୁରକ୍ଷା ମାତୃ ଅଭିଯାନ ଚିକିତ୍ସାରେ ଗର୍ଭବତୀଙ୍କୁ ଆବଶ୍ୟକ ସେବା ମିଳି ନଥିବାରୁ କିଛି ମହିଳା ଅସୁସ୍ଥ ହୋଇଥିଲେ। ସେତେବେଳେ ବି କାର୍ଯ୍ୟରତ ଷ୍ଟାଫନର୍ସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଜଣାଇବା ପରେ ବି କୌଣସି ପଦକ୍ଷେପ ନିଆଯାଇ ନଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଅବହେଳା ଓ ଷ୍ଟାଫ ନର୍ସଙ୍କ ଦୁର୍ବ୍ୟବହାର ଯୋଗୁ ଆଜିର ଘଟଣାରେ ଉତ୍ତେଜନା ପ୍ରକାଶ ପାଇଥିବା କୁହାଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ସ୍ତ୍ରୀ ଓ ଶିଶୁ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବାକୁ ଦାବି କରାଯାଉଛି।



## ନୁଣ୍ଡଗୁଡ଼ା ବିଦ୍ୟାଳୟରେ ବିଦ୍ୟାର୍ଥୀ ଶ୍ରମିକ କାର୍ଯ୍ୟ କରିବା ଘଟଣା

# ବଦଳି ହୋଇଥିବା ଶିକ୍ଷକଙ୍କ ସମ୍ପର୍କୀୟ ଜଡ଼ିତ!

**ମୋହନା,୨୦।୨(ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକ ନୁଣ୍ଡଗୁଡା ଆଶ୍ରମ ବିଦ୍ୟାଳୟରେ ଛୋଟ ଛୋଟ ସ୍କୁଲ ପିଲା ଶ୍ରମିକ ଭଳି କାମ କରୁଥିବା ଏକ ଭିଡିଓ କିଛି ଦିନ ତଳେ ସାମାଜିକ ଗଣମାଧ୍ୟମରେ ଭାଇରଲ୍ ହୋଇଥିଲା। ଯେଉଁ ହାତରେ କଲମ ଧରି ପିଲା ଲେଖିବା କଥା ସେହି ହାତରେ ପିଲାମାନେ ମାଟି,ବାଲି , ଗୋଡ଼ି ସିମେଣ୍ଟ ମିଶାଇ ରାଜମିସ୍ତ୍ରି ସାଜି ସ୍କୁଲ ଭିତରେ କାମ କରୁଥିବା ସହ ବିଦ୍ୟାଳୟର ଡ୍ରେନ୍ ସଫା କରୁଥିବା ଦେଖାଯାଇଥିଲା । ଗୋଟିଏ ପଟେ ସରକାର ଶିକ୍ଷାର ବିକାଶ ପାଇଁ ସ୍କୁଲ ଗୁଡ଼ିକୁ ମରାମତି କରିବା ସହ ଭିତ୍ତିଭୂମିର ବିକାଶ କରୁଛନ୍ତି । ଅନ୍ୟ ପଟେ ବିଦ୍ୟାଳୟରେ ଏଭଳି ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା। ତେବେ କୋମଳମତି ପିଲାଙ୍କୁ କାମରେ ଲଗାଯାଇଥିବା ଅଭିଯୋଗକୁ ପ୍ରଧାନ ଶିକ୍ଷକ ଅସ୍ୱୀକାର କରିଛନ୍ତି। ତାଙ୍କୁ ଓ ବିଦ୍ୟାଳୟକୁ ବଦନାମ କରିବା ପାଇଁ ବିଦ୍ୟାଳୟରୁ ବଦଳି ହୋଇଥିବା ଜଣେ ଶିକ୍ଷକ ତ୍ରିନାଥ ଚରଣ ପଟ୍ଟନାୟକ ଓ ତାଙ୍କ ସହ ବିଦ୍ୟାଳୟ ପରିସରରେ ରହୁଥିବା ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜରେ ଅଧ୍ୟାପିକା ଥିବା ତାଙ୍କ ପତ୍ନୀ ଏଭଳି ଷଡଯନ୍ତ୍ର କରିଥିବା ପ୍ରଧାନ ଶିକ୍ଷକ କହିଛନ୍ତି। ଅନ୍ୟପକ୍ଷରେ ପିଲାଙ୍କୁ ତାଙ୍କ ଘର ଓ ଡ୍ରେନ ସଫା କାମ କରିବାକୁ କହି ବଦଳି ହୋଇଥିବା ଶିକ୍ଷକଙ୍କ ପତ୍ନୀ ଭିଡ଼ିଓ କରି ବିଭିନ୍ନ ଗଣମାଧ୍ୟମକୁ ପ୍ରଦାନ କରି ଏହାର ଖବର ପ୍ରସାରଣ କରାଇଥିବା ସ୍କୁଲ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି । ବିଦ୍ୟାଳୟରେ ଏଭଳି ସମସ୍ୟା ଦୀର୍ଘ ବର୍ଷ ହେଲା ଲାଗିରହିଥିବା ବେଳେ ବଦଳି ହୋଇଥିବା ଶିକ୍ଷକଙ୍କୁ ତୁରନ୍ତ ବିଦ୍ୟାଳୟରୁ ଯିବାପାଇଁ ପ୍ରଶାସନ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି ବିଦ୍ୟାଳୟ କମିଟି ସଦସ୍ୟ । ଅନ୍ୟପଟେ ଏନେଇ ଆଇନର ଆଶ୍ରୟ ନିଆଯିବ ବୋଲି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ସାହୁ ସୂଚନା ଦେଇଛନ୍ତି ।

## ଅଭିଯୋଗ କଲେ ପରିଚାଳନା କମିଟି, ବିଦ୍ୟାର୍ଥୀ ଓ ପ୍ରଧାନଶିକ୍ଷକ




## ବାଇକ୍ ଧକ୍କାରେ ବଳଦ ଆହତରୁ ଉତ୍ତେଜନା

**ଚକାପାଦ,୨୦।୨(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲ ନିକଟସ୍ଥ ଶ୍ରାମ୍ପୁଡ଼ି ଗ୍ରାମରେ ଏକ ବାଇକ ଦୁର୍ଘଟଣାରେ ବଳଦ ଆଘାତ ହୋଇଥିବା ଜଣାପଡିଛି ବାଇକ ଚାଳକ ଦୁର୍ଘଟଣା ପରେ ପଳାଇଯାଉଥିବାରୁ ଗ୍ରାମବାସୀ ଅଟକ ରଖିଥିଲେ। ଏଥିନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ଜଣେ ନାବାଳକ । ବଳଦ ଗ୍ରାମର ନିରାକାର ପ୍ରଧାନଙ୍କର ବୋଲି ଜଣାପଡିଛି। ବାଇକ ଚାଳକ ଫୁଲବାଣୀରୁ ଗୁଟିଙ୍ଗିଆ ଦ୍ରୁତଗତିରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଖବର ପାଇଁ ଟିକାବାଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଗ୍ରାମର କିଛି ବ୍ୟକ୍ତି ଓ ପୁଲିସ ଉପସ୍ଥିତିରେ ବଳଦ ମାଲିକଙ୍କୁ ୨୦୦୦ ଟଙ୍କା ଦିଆଯାଇଥିଲା। ଆବଶ୍ୟକ ହେଲେ ଅଧିକ ଅର୍ଥ ଦେବେ ବୋଲି ବାଇକ ଚାଳକଙ୍କ ବାପା ପ୍ରତିଶ୍ରୁତି ଦେଇଥିଲେ।

# ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ଜୀବିକା ସହାୟତା ରାଶି ପ୍ରଦାନ ଶୁଭାରମ୍ଭ

**ପାରଳାଖେମୁଣ୍ଡି,୨୦।୨(ସମିସ):** ପାରଳାଖେମୁଣ୍ଡି ସ୍ଥିତ ଆରଏମସି ହାଟପଦାରେ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରଙ୍କୁ ଜୀବିକା ସହାୟତା ରାଶି ପ୍ରଦାନର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଜିଲ୍ଲାର ପ୍ରତ୍ୟେକ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାର ଲୋକଙ୍କୁ ଏକ ହଜାର ଟଙ୍କା ପ୍ରଦାନ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ, ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ପାରଳା ପୌରପରିଷଦ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ପ୍ରମୁଖ ମଞ୍ଚସୀନ ଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପୌରପରିଷଦର କର୍ମଚାରୀ ଓ ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ । ବହୁ ସଂଖ୍ୟାରେ ଖାଦ୍ୟ ସୁରକ୍ଷା ହିତାଧିକାରୀ ଉପସ୍ଥିତ ଥିଲେ।



**ବାଲିଗୁଡ଼ା:** ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିବା ନିମନ୍ତେ ମଙ୍ଗଳବାର ସକାଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟର ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ପରିବାର ପିଛା ୧୦୦୦ ଟଙ୍କା ଜୀବିକା ସହାୟତା ରାଶି ପ୍ରଦାନର ଶୁଭାରମ୍ଭ ହୋଇଥିବା ବେଳେ ଉପଖଣ୍ଡ ସ୍ତରରେ ବାଲିଗୁଡା ଉପଜିଲ୍ଲାପାଳ ଡ଼ା. ରୀନା ପ୍ରଧାନଙ୍କ ଦ୍ୱାରା ସହାୟତା ରାଶି ପ୍ରଦାନର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟର ୯୬ ଲକ୍ଷ ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାର ଉପକୃତ ହେଉଥିବା ବେଳେ ବାଲିଗୁଡା ଉପଖଣ୍ଡର ୧,୩୩,୩୬୮ ପରିବାର ଉପକୃତ ହେବେ । ଉଦଘାଟନୀ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ, ଖାଦ୍ୟ ସୁରକ୍ଷା ଯୋଜନା ଓ ଜୀବିକା ସହାୟତା ରାଶି ପ୍ରଦାନର ଉଦେଶ୍ୟ ବିଷୟରେ ବୁଝାଇବା ସହିତ ସ୍ୱଚ୍ଛ ଭାବେ ଉପଖଣ୍ଡର ସମସ୍ତ ହିତାଧିକାରୀଙ୍କୁ ଜୀବିକା ସହାୟତା ରାଶି ପ୍ରଦାନ ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ଥିବା ସମସ୍ତ ହିତାଧୀକାରୀଙ୍କୁ ଦୁଇଟି ଲେଖାଏଁ ଝୋଟ ମୁଣା , ୧୦୦୦ ଟଙ୍କା ଜୀବିକା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ ସହକାରୀ ଯୋଗାଣ ଅଧିକାରୀ ମଳୟ କୁମାର ମେହେର ଏବଂ ଯୋଗାଣ ନିରୀକ୍ଷିକା ସ୍ମିତାରାଣୀ ସାହୁ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

## 'ମୋ ବ୍ୟାଙ୍କ ସେବା' ଶୁଭାରମ୍ଭ

# ମାର୍କେଟ୍ କମ୍ପ୍ଲେକ୍ସ ଉଦ୍‌ଘାଟନ କଲେ ଉପବାଚସ୍ପତି

**ଦାରିଙ୍ଗବାଡ଼ି,୨୦।୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ସିଆଙ୍ଗବାଲି ପଞ୍ଚାୟତରେ 'ମୋ ବ୍ୟାଙ୍କ ସେବା' ଶୁଭାରମ୍ଭ ଏବଂ ମାର୍କେଟ କମ୍ପ୍ଲେକ୍ସ କୋଠା ଉଦଘାଟିତ ହୋଇଛି । ସରପଞ୍ଚ ଆଦ୍ରିୟ ପ୍ରଧାନଙ୍କ ସଭାପତତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାଲୁଗା ପ୍ରଧାନ ଯୋଗ ଦେଇ ଉକ୍ତ ବ୍ୟାଙ୍କ ଏବଂ ମାର୍କେଟ କମ୍ପ୍ଲେକ୍ସ କୋଠାର ଉଦଘାଟନ କରିଥିଲେ। ବ୍ୟାଙ୍କ ସେବା ପାଇବା ପାଇଁ ଆଉ ଲୋକଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିବନି । ଘର ଦୁଆର ମୁହଁରେ ଏହି ସେବା ଯୋଗାଇ ଦିଆଯାଇଛି ବୋଲି କହିଥିଲେ। ସେଥିପାଇଁ ଏହାର ଲାଭ ଉଠାଇବାକୁ ଜନସାଧାରଣଙ୍କୁ ଉପବାଚସ୍ପତି ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ। ଏଥି ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଲୋକଙ୍କୁ ଯୋଗାଇ ଦେଉଥିବାରୁ ଅଞ୍ଚଳବାସୀ ପକ୍ଷରୁ ଉପ ବାଚସ୍ପତି ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ, ଲ୍ୟାମ୍ପସ ଉପସଭାପତି ଧର୍ମେନ୍ଦ୍ର ପ୍ରଧାନ , ବିଜେଡ଼ି ବ୍ଲକ ସଭାପତି ଜ୍ୟୋତିରାଜ ପ୍ରଧାନ , କନିଷ୍ଠ ଯନ୍ତ୍ରୀ ତୁଷାର ରଞ୍ଜନ ସେଠୀ, ସନ୍ତୋଷ ବିଶୋଇ ମଞ୍ଚସୀନ ଥିଲେ। ସିଆଙ୍ଗବାଲି ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ମିଲୁ ସାହୁ, ଶଙ୍କର ସାହୁ , ପଠାଣି ସାହୁ, ପୁରେ ପ୍ରଧାନଙ୍କ ସମେତ ବହୁ ନେତା, କର୍ମୀ , ମହିଳା ଓ ସାଧାରଣ ଲୋକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରିୟବ୍ରତ ପ୍ରଧାନ ପରିଚାଳନା କରିଥିବା ବେଳେ ସରପଞ୍ଚ ଶ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




# ହାତୀପଲଙ୍କ ଉପଦ୍ରବ, ଭାଙ୍ଗିଲେ ଘର

**ରାଇକିଆ,୨୦।୨(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ରଣବା ପଞ୍ଚାୟତରେ ୨୫ ଟିକିଆ ହାତୀପଲ ଯୋଗୁଁ ଆତଙ୍କ ପ୍ରକାଶ ପାଇଛି। ରଣବା ପଞ୍ଚାୟତର ସାହାଜ ଖାଲ (ମଦୁକେତା) ଗ୍ରାମର ଉଷା ମଲ୍ଲିକଙ୍କ ଘରେ ସୋମବାର ରାତି ୧୧ଟା ବେଳେ ହାତୀ ପଲ ପଶି ଝାଟିମାଟି ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ରାତିରେ ଗାଁକୁ ମାଡି ଆସିଥିଲେ ୨୫ ପଟ ହାତୀ ପଲ। ହାତିପଲ ଘରକୁ ଭାଙ୍ଗିବା ପରେ ଆସବାବପତ୍ର, ଧାନ ଚାଉଳ ସବୁ ନଷ୍ଟ କରି ଫିଙ୍ଗା ଫୋପଡା କରିଥିଲେ। ଏବେ ଉଷାଙ୍କ ପରିବାର ବାସହରା ହେଇଯାଇଛନ୍ତି । ଖବର ପାଇ ପୂର୍ବତନ ସରପଞ୍ଚ ଭିକାରୀ ମଲ୍ଲିକଙ୍କ କିଛି ସମର୍ଥକ ଲୋକଙ୍କୁ ନେଇ ସେହି ସ୍ଥାନରେ ପହଁଞ୍ଚିଥିଲେ। ତାଙ୍କୁ ସାହିରେ ଅନ୍ୟ ଏକ ଘରେ ରଖିବାକୁ ବନ୍ଦୋବସ୍ତ କରିଥିଲେ। କିନ୍ତୁ ବର୍ତ୍ତମାନ ଯାଏ ବନବିଭାଗଙ୍କ ତରଫରୁ କୌଣସି ସୁବିଧା ପାଇନଥିବା କୁହାଯାଇଛି। ବନବିଭାଗକୁ ଖବର ଦିଆଯାଇଥିବା ପୂର୍ବତନ ସରପଞ୍ଚ କହିଛନ୍ତି।



# ଲକ୍ଷ୍ମୀ ବସ୍ ଅପେକ୍ଷାରେ ୪ ଗ୍ରାମବାସୀ

**କାଶୀନଗର, ୨୦।୨(ସମିସ):** ଗଜପତି ଜିଲ୍ଲା କାଶୀନଗର କିଛି ଗ୍ରାମ ନିକଟକୁ ଲକ୍ଷ୍ମୀ ବସ ଯାତାୟାତ ପାଇଁ ଅପେକ୍ଷା କରିଛନ୍ତି ଗ୍ରାମବାସୀ। କାଶୀନଗର ଠାରୁ ଖାଣ୍ଡବା ପ୍ରର୍ଯ୍ୟନ୍ତ ଲକ୍ଷ୍ମୀ ବସ ଯାତାୟାତ କରୁଥିବା ବେଳେ ଖାଣ୍ଡବା, ବୁଦୁରା ପଞ୍ଚାୟତର ବହୁ ଗ୍ରାମବାସୀ ସୁବିଧାରେ ଯାତାୟାତ କରୁଥିବା କହିଛନ୍ତି ସରପଂଚ ସିଏଚ ମାଧବୀ । ହେଲେ ଖାଣ୍ଡବା ଠାରୁ ୬କିମି ଦୂର ପର୍ଯ୍ୟନ୍ତ ସାରା, ନୂଆ ସାରା, ବାଡିଗାଁ ଓ ପାଲସିଂ ଗ୍ରାମ ରହିଥିବା ବେଳେ ବସର ସୁବିଧା ନ ଥିବା ଯୋଗୁ ସେମାନେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଚାରି ଗ୍ରାମରେ ପ୍ରାୟ ୪ହଜାର ଲୋକ ବସବାସ କରୁଛନ୍ତି। ଏଠିକାର ବହୁ ଛାତ୍ରଛାତ୍ରୀ ଅଲଡ଼ା ଆର୍ଦଶ ବିଦ୍ୟାଳୟକୁ ଯିବାଆସିବା କରନ୍ତି। ବସର ସୁବିଧା ନ ଥିବା ଯୋଗୁ ସେମାନେ ବହୁ ଅସୁବିଧା ସମ୍ମୁଖୀନ ହୋଇଥିବା କହିଛନ୍ତି। ସେହିପରି ଗ୍ରାମବାସୀ କୌଣସି କାମରେ କାଶୀନଗର ଯିବା ପାଇଁ ହେଲେ ଖାଣ୍ଡବା ଗ୍ରାମ ପର୍ଯ୍ୟନ୍ତ ୫କିମି ଆସି ସେଠାରୁ ଲକ୍ଷ୍ମୀ ବସରେ ଯାତାୟାତ କରୁଛନ୍ତି। ଖାଣ୍ଡବା ଗ୍ରାମ ପର୍ଯ୍ୟନ୍ତ ଆସୁଥିବା ଏହି ଲକ୍ଷ୍ମୀ ବସ ପାଲସିଂ ଗ୍ରାମ ପର୍ଯ୍ୟନ୍ତ ଯାତାୟାତ କଲେ ଉକ୍ତ ଗ୍ରାମର ଲୋକଙ୍କ ସୁବିଧା ହୋଇ ପାରିବେ ବୋଲି ଜଣାଇଛନ୍ତି। ଏଥି ପାଇଁ ଉକ୍ତ ଗ୍ରାମ ପର୍ଯ୍ୟନ୍ତ ବସ ଯାତାୟତରେ ବିସ୍ତାର କରିବା ନେଇ ପ୍ରଶାସନକୁ ଅନୁରୋଧ କରିଛନ୍ତି ଚାରି ଗ୍ରାମବାସୀ ।




## ● ଗଜପତିରେ ୮୪୬୫ ଛାତ୍ରଛାତ୍ରୀ ଦେଲେ ମାଟ୍ରିକ୍ ପରୀକ୍ଷା

# ପରୀକ୍ଷା କେନ୍ଦ୍ର ନିରୀକ୍ଷଣ କଲେ ଜିଲ୍ଲାପାଳ ଓ ତହସିଲଦାର

ପାରଳାଖେମୁଣ୍ଡି,୨୦।୨(ସମିସ)

ଗଜପତି ଜିଲ୍ଲାରେ ମାଟ୍ରିକ ପରୀକ୍ଷା ମଙ୍ଗଳବାର ପ୍ରଥମ ଦିନ ଶାନ୍ତିଶୃଙ୍ଖଳାର ସହ ହୋଇଛି । ଜିଲ୍ଲାର ୪ଟି ନୋଡାଲ ସେଣ୍ଟର ଅନ୍ତର୍ଗତ ୧୫୯ ହାଇସ୍କୁଲର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି । ଆଜି ଠାରୁ ଆରମ୍ଭ ହୋଇଥିବା ପରୀକ୍ଷାରେ ମୋଟ ୮୪୬୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି । ରେଗୁଲାର ଏବଂ ଏକ୍ସରେଗୁଲାରରେ ୮୨୩୫ ଓ ଷ୍ଟେଟ ଓପନ୍ ସ୍କୁଲିଂ କୋର୍ସରେ ୨୩୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ଆଜି ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ହୋଇଥିଲା । ୩୮ କେନ୍ଦ୍ରରେ ମୋଟ ୮୬୭୯ ପରୀକ୍ଷାର୍ଥୀଙ୍କ ନିମନ୍ତେ ପ୍ରସ୍ତୁତି ହୋଇଥିଲା । ଏଥି ମଧ୍ୟରୁ ୮୪୬୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ୨୧୪ଜଣ ଅନୁପସ୍ଥିତ ଥିବା ଜଣାପଡିଛି । ଜିଲ୍ଲାରେ ରେଗୁଲାର ଏବଂ ଏକ୍ସରେଗୁଲାରରେ ୮୪୨୪ ଛାତ୍ରଛାତ୍ରୀ ପରୀକ୍ଷାପାଇଁ ନାମଲେଖାଇଥିଲେ । ଏଥି ମଧ୍ୟରୁ ୮୨୩୫ ଆଜି ପରୀକ୍ଷା ଦେଇଥିଲେ । ଏଥିମଧ୍ୟରୁ ୧୮୯ ଜଣ ଅନୁପସ୍ଥିତ ରହିଛନ୍ତି । ସେହିଭଳି ଷ୍ଟେଟ ଓପନ୍ ସ୍କୁଲିଂ କୋର୍ସ ନିମନ୍ତେ ୨୫୫ଜଣ ପରୀକ୍ଷାଙ୍କ ଲାଗି ବ୍ୟବସ୍ଥା ହୋଇଥିଲା । ଏଥି ମଧ୍ୟରୁ ୨୩୦ଜଣ ପରୀକ୍ଷା ଦେଇଥିଲେ । ଏଥିରେ ୨୫ ଜଣ ଅନୁପସ୍ଥିତ ରହିଥିବା ଜଣାପଡିଛି । ରେଗୁଲାର ପରୀକ୍ଷା ସୁପରିଚାଳନା ନିମନ୍ତେ ୪କେନ୍ଦ୍ର ଯଥା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ରାୟଗଡସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଆର୍.ଉଦୟଗିରି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ମୋହନାର ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳକୁ ନୋଡାଲ କେନ୍ଦ୍ର ଚୟନ କରାଯାଇ ଥିବାବେଳେ ୧୧ ବିତରଣ କେନ୍ଦ୍ର ଖୋଲାଯାଇଥିବାର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ସେହିଭଳି ୪ସ୍ତରୀୟ ସ୍କ୍ୱାର୍ଡ ଗଠନ କରାଯାଇ ସମସ୍ତ ପରୀକ୍ଷା କେନ୍ଦ୍ରକୁ ବୁଲି ନିରୀକ୍ଷଣ ହୋଇଛି । ଆଜି ପ୍ରଥମ ଦିବସରେ ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ସମାପନ ହୋଇଥିଲା । ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏବଂ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ବୁଲି ନିରୀକ୍ଷଣ କରିଥିଲେ।



## ରାଇକିଆ ବ୍ଲକରେ ୮୩୩ ଜଣ ମ୍ୟାଟ୍ରିକ ପରୀକ୍ଷାର୍ଥୀ

**ରାଇକିଆ,୨୦।୨(ସମିସ):** ମାଟ୍ରିକ ପରୀକ୍ଷା ମଙ୍ଗଳବାର ଆରମ୍ଭ ହୋଇଛି। ଚଳିତ ବର୍ଷ କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକରେ ୮୩୩ ପରୀକ୍ଷାର୍ଥୀଙ୍କ ନିମନ୍ତେ ୬ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ବ୍ଲକର ସେଣ୍ଟ କ୍ୟାଥରିନ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୧୬, ବିଜୟ ଉଚ୍ଚ ବିଦ୍ୟାଳୟ ୧୬୬, ସରକାରୀ ବାଳିକା ବିଦ୍ୟାଳୟ ୧୫୦, ସୁଗଡବାଡି ବିଦ୍ୟାଳୟ ୧୨୩, ମଣ୍ଡାକିଆ ବିଦ୍ୟାଳୟ ୧୦୪, ଇନ୍ଦ୍ରଗଡ ହାଇସ୍କୁଲରେ ୭୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ସକାଳ ୭ଟା୩୦ ରେ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀଙ୍କୁ ଛଡାଯାଇଥିଲା। ୮ଟା୩୦ ପରୀକ୍ଷାର୍ଥୀଙ୍କୁ ଓଏମ୍ଆର ସିଟ୍ ପ୍ରଦାନ କରାଯାଇଥିଲା। ପରୀକ୍ଷାକୁ ତ୍ରୁଟିଶୂନ୍ୟ ଓ ଶାନ୍ତି ଶୃଙ୍ଖଳାରେ ପରିଚାଳନା କରିବା ଉପରେ ଗୁରୁତ୍ୱ ଦିଆଯାଉଥିବା ସୂଚନା ଦିଆଯାଇଛି। ପ୍ରଥମ ଦିନ ବିଦ୍ୟାର୍ଥୀ ମାତୃଭାଷା ପରୀକ୍ଷା ଦେଇଥିଲେ। ପରୀକ୍ଷା କାର୍ଯ୍ୟରେ ନିୟୋଜିତ ଥିବା ଶିକ୍ଷକ,ଶିକ୍ଷୟିତ୍ରୀଙ୍କୁ ମୋବାଇଲ୍ ଧରି ପରୀକ୍ଷା କେନ୍ଦ୍ରକୁ ଯିବାକୁ ବାରଣ କରାଯାଇଛି।

